# ଆଜିଠୁ ଦିଆଯିବ କୋଭିଡ୍ ଦ୍ୱିତୀୟ, ବୁଷ୍ଟର ଡୋଜ୍

## କୋରାପୁଟ ଜିଲାରେ ପହଞ୍ଚିଲା ୩୫ ହଜାର ଟିକା

କୋରାପୁଟ,୧୮।୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ପହଞ୍ଚିଛି ୩୫ ହଜାର କୋଭିଡ ଟିକା। ଗୁରୁବାରଠାରୁ ଏହି ଟିକା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ବୁଧବାର କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅରୁଣ କୁମାର ପାଢ଼ି ସୂଚନା ଦେଇଛନ୍ତି। ଗୁରବାରଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ, ମେଡିକାଲ କଲେଜ ସମେତ ୧୪ ବ୍ଲକରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଦୈନିକ ୫ ହଜାର ଟିକା ପ୍ରଦାନ କରାଯିବା ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୫ ଦିନ ମଧ୍ୟରେ ଆସିଥିବା ୩୫ ହଜାର କୋଭିଡ ଟିକା ଶେଷ କରାଯିବା ଲକ୍ଷ୍ୟ ରଖାଯାଇଛି। ଯେଉଁମାନେ କରୋନା ଦ୍ୱିତୀୟ ଡୋଜ କିମ୍ବା ବୁଷ୍ଟର ଡୋଜ୍ ନେଇ ନାହାନ୍ତି ସେମାନେ ଗୁରୁବାରଠାରୁ ଟିକା ନେଇ ପାରିବେ ବୋଲି ସିଡିଏମ୍‌ଓ ସୂଚନା ଦେଇଛନ୍ତି। ବ୍ଲକ ସଦର ମହକୁମା, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲାମୁଖ୍ୟ ଚିକିତ୍ସାଳୟରେ ଟିକାକରଣ କେନ୍ଦ୍ର କରାଯାଇଥିବା ସଳଚନା ମିଳିଛି। ପ୍ରକାଶ ଯେ, କୋରାପୁଟ ଜିଲାରେ ୧୨ ରୁ ୧୮ ବର୍ଷର ବ୍ୟକ୍ତିମାନେ ୭୧%ପ୍ରଥମ ଡୋଜ ଟିକା ନେଇଥିବାବେଳେ ୧୮ରୁ ୬୦ ବର୍ଷର ବ୍ୟକ୍ତିଙ୍କ ମଧ୍ୟରୁ ୮୫ % ପ୍ରଥମ ଡୋଜ କୋଭିଡ ଟିକା ନେଇଥିବା ଜଣାଯାଇଛି। ସେହିପରି ଜିଲାରେ ଦ୍ୱିତୀୟ ଡୋଜ ତଥା ବୁଷ୍ଟର ଡୋଜ ୧୮ରୁ ୬୦ ବର୍ଷର ବ୍ୟକ୍ତିମାନେ ଶତପ୍ରତିଶତ ନେଇଥିବାବେଳେ ଜିଲାରେ ୧୨ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାମାନେ ପ୍ରାୟ ୯୮% ଟିକା ନେଇଥିବା ଜଣାଯାଇଛି।

## ସଂକ୍ଷେପରେ

### କୀଟନାଶକ ବ୍ୟବହାର ନେଇ କ୍ଷେତ୍ର ପରିଦର୍ଶନ



ଡାବୁଗାଁ, ୧୮।୧ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଅଞ୍ଚଳା ଗ୍ରାମରେ ବାୟର କମ୍ପାନୀ ପକ୍ଷରୁ ଜମିରେ କୀଟନାଶକ ବ୍ୟବହାର ନେଇ ଏକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳା ଗ୍ରାମର ଚାଷୀ ଗୋବିନ୍ଦଙ୍କ ମକା ଫସଲରେ କିପରି କୀଟନାଶକ ବ୍ୟବହାର କରିବେ ସେ ନେଇ ବୁଝାଇଥିଲେ। ଉକ୍ତ କ୍ଷେତରେ ଥିବା ମକା ଫସଲରେ ବାୟର କମ୍ପାନୀର ଭାୟଗୋ କୀଟନାଶକ ସିଞ୍ଚନ କରି କିପରି ଫସଲକୁ ରୋଗ ମୁକ୍ତ କରିଛନ୍ତି ତାହା ଉପସ୍ଥିତ ବିକ୍ରେତାମାନେ ବୁଲି ଦେଖିଥିଲେ। କମ୍ପାନୀର ବଜାର ଉନ୍ନୟନ ସଂଯୋଜକ ଡା. ରାଜେଶ ଦୁବେ ଭୟଗୋ ଔଷଧର ଗୁଣ ଓ କାର୍ଯ୍ୟ ଉପରେ ବୁଝାଇଥିଲେ। ନବରଙ୍ଗପୁର ଜିଲା ଆଞ୍ଚଳିକ ପରିଚାଳକ ଅଜୟ ଧୀମନ, ଆଞ୍ଚଳିକ ପରିଦର୍ଶକ ପ୍ରିୟବ୍ରତ ଦାଶ, କମ୍ପାନୀ କର୍ମଚାରୀ ବ୍ରହ୍ମାନନ୍ଦ ପାତ୍ର, ଭରତ ଦାଶ, ଚୌହାନ ଲାଲ ସାହୁ, ନୁସାନ ହରିଜନ, ସନ୍ଦୀପ ଠାକୁର, ବିକ୍ରମ କେଶରୀ ସ୍ୱାଇଁ, ଉତ୍ତମ ହାଲଦାର ଓ ଉମରକୋଟ, ଡାବୁଗାଁ, ପାପଡାହାଣ୍ଡି, ନବରଙ୍ଗପୁରରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିକ୍ରେତା ଯୋଗ ଦେଇଥିଲେ।

### ପୁସ୍ତକ ଅତୀତ, ବର୍ତ୍ତମାନର ଏକ ସେତୁ

ମାଲକାନଗିରି, ୧୮।୧(ଡି.ଏନ୍.ଏ.): ମାଲକାନଗିରିରେ ଦୀର୍ଘ ୧୮ ବର୍ଷ ପରେ ପୁସ୍ତକ ମେଳା ଆୟୋଜନ କରି ନୂଆ କିର୍ତ୍ତୀ ପ୍ରତିଷ୍ଠା କରିଛି କରିଛି ଜିଲା ପ୍ରଶାସନ। ମଙ୍ଗଳବାର ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ରାଖାଲ ଚନ୍ଦ୍ର ପରିଡା ଯୋଗ ଦେଇ ପୁସ୍ତକ ହେଉଛି ମାନବ ସମାଜର ଦର୍ପଣ । ସେ ଘଟଣା ବହୁଳ ଇତିହାସର ପ୍ରତିଟି ଅତୀତ ଓ ବର୍ତ୍ତମାନର ସେତୁଟିଏ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ଯୋଗଦେଇ ପୁସ୍ତକ କାହିଁକି ପଢ଼ିବି ଏବଂ ଏହା ସମାଜ ପାଇଁ କେତେ ଆବଶ୍ୟକତା ରହିଛି ସେ ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ବକ୍ତା ଭାବେ ମାଲକାନଗିରି ମହାବିଦ୍ୟାଳୟର ଅଧାପିକା ଡ. ହେନେରିଟା, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, କବି ବଳରାମ ପୂଜାରୀ ଯୋଗ ଦେଇ ଜୀବନର ଦୋ ଛକିରେ ଅନେକ ପ୍ରଶ୍ନବାଚୀର ସମାଧାନ ପୁସ୍ତକ କରିଥାଏ ବୋଲି କହିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କିଶୋର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମଙ୍ଗଳ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏହାକୁ ବିଚିତ୍ରାନନ୍ଦ ରାଉତ ପରିଚାଳନା କରିଥିଲେ। ପରେ କବିତା ପାଠୋତ୍ସବ ହୋଇଥିଲା।

# ବାଲ୍ୟବିବାହ ନ କରିବାକୁ ଶପଥ



ବାଲ୍ୟ ବିବାହ ନ କରାଇବା ନେଇ ସମସ୍ତେ ଶପଥ ନେଉଛନ୍ତି।

ପାପଡ଼ାହାଣ୍ଡି,୧୮।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନାକଟିଗୁଡ଼ା ପଞ୍ଚାୟତରେ ଚାଲିଥିବା ଏକ ବାଲ୍ୟ ବିବାହକୁ ରୋକିଛି ପ୍ରଶାସନ। ଏ ନେଇ ଉଭୟ ପରିବାରଙ୍କୁ ସଚେତନ କରାଇବା ସହ ନାବାଳିକାକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନା ପ୍ରକାରେ ବାଲ୍ୟବିବାହ ଚାଲିଥିବା ଖବରପାଇ ସରପଞ୍ଚ, ନାଏବ ସରପଞ୍ଚ, ଅଙ୍ଗନୱାଡି କର୍ମୀ, ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ରମା ପଟ୍ଟନାୟକ, ବ୍ଲକ ସଂଯୋଜକ ଉତ୍ତମ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। କମ ବୟସର ପୁଅ ଝିଅଙ୍କୁ ବିବାହ କରିବା ଆଇନ ସଙ୍ଗତ ନୁହେଁ ବୋଲି ଉଭୟ ପରିବାରକୁ ବୁଝାଇଥିଲେ। ପୁଅ ୧୯ ବର୍ଷର ହୋଇଥିବା ବେଳେ ଝିଅର ବୟସ ୧୭। ତେଣୁ ଏହି ବିବାହ ହୋଇ ପାରିବ ନାହିଁ ବୋଲି କୁହାଯାଇଥିଲା। ଭବିଷ୍ୟତରେ ଏଭଳି ଭୁଲ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ବାଲ୍ୟ ବିବାହ ନ କରାଇବାକୁ ପ୍ରଶାସନ ସମସ୍ତଙ୍କୁ ଶପଥ ପାଠ କରାଇଛି।

# ନେତାଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବିଷମକଟକ, ୧୮।୧(ଡି.ଏନ୍.ଏ.)




ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

ରାୟଗଡା ଜିଲା ବିଷମକଟକ ବ୍ଲକର ନେତାଜୀ କ୍ଲବ ଆନୁକୁଲ୍ୟରେ ମଙ୍ଗଳବାର ୨୮ତମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିଷମକଟକ ଆଇଓବି ବ୍ୟାଙ୍କ ପଛ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଯଶୋଦା ହୁଇକା ମୁଖ୍ୟ ଅତିଥି, ବିଡିଓ ସଦାଶିବ ନାୟକ, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଟୁର୍ନାମେଣ୍ଟ ୨୩ ତାରିଖ ଯାଏ ଚାଲିବ। ଏଥିରେ ୮ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ବିଶାଖାପାଟଣା ଓ ରାୟଗଡା ମଧ୍ୟରେ ଖେଳାଯାଇଥିଲା। ରାୟଗଡା ୫ଉଇକେଟରେ ବିଜୟୀ ହୋଇଛି। ରାୟଗଡା ଦଳର ଅମିନ ଇକ୍ବାଲ ୮୦ବଲରେ ୧୫୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଛନ୍ତି। ଟୁର୍ନାମେଣ୍ଟ ସ୍ୱର୍ଗତ ପ୍ରଦୀପ ପଟ୍ଟନାୟକଙ୍କ ସ୍ମୃତିରେ କରାଯାଉଛି। ନେତାଜୀ ସଂସଦର ସଭାପତି ପୃଥ୍ୱୀରାଜ ସାହୁ, ଯୁଗ୍ମ ସମ୍ପାଦକ ଶଶିଭୂଷଣ ପଟ୍ଟନାୟକ, ସମର ସାହୁ, ଶିବରାମ ନାୟକ, ରମେଶ ଗୌଡ, ସନ୍ତୋଷ ନାୟକ, ଚନ୍ଦ୍ରକାନ୍ତ ପାଲକା, ରିଙ୍କୁ ଦଣ୍ଡସେନାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଡ.ନୀଳମାଧବ ଦାସଙ୍କୁ ଗୁଣପୁର କଲେଜର ନୂତନ ଅଧକ୍ଷ ଦାୟିତ୍ୱ

ଗୁଣପୁର,୧୮।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କଲେଜର ନୂତନ ଅଧକ୍ଷ ଭାବେ ଡ. ନିଳମାଧବ ଦାସ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଦାୟୀ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ଉଚ୍ଚଶିକ୍ଷା ବିଭାଗ ବରିଷ୍ଠତା ଭିତ୍ତିରେ ଅଧାପକ ମାନଙ୍କୁ ଅଧକ୍ଷ ପଦ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲା। ଏହାପରେ ଗତ ୨୮ ତାରିଖରେ ପ୍ରମୁଖ ଶାସନ ସଚିବ ସ୍ୱତନ୍ତ୍ର ଚିଠି କରି ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ଡ. ନିଳମାଧବ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏପ୍ରିଲ ୩୦ରେ ଅବସର ନେବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଚୟନ ପାଇଁ ପୂର୍ବତନ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପତ୍ର ସଂଖ୍ୟା ୨୬୦୪୭, ୨୪.୬.୨୦୨୨ ରେ ଏକ ମାନଦଣ୍ଡ ପ୍ରସ୍ତୁତ କରିଥିଲେ। ଏହି ମାନଦଣ୍ଡ ଅନୁଯାୟୀ ଯେଉଁ ବରିଷ୍ଠ ଅଧାପକ/ପ୍ରାଧାପକମାନଙ୍କ ଚାକିରିକାଳ ୧୮ ମାସ କିମ୍ବା ତା ଠାରୁ ଅଧିକ ଥିବ ସେହିମାନେ କଲେଜର ଅଧକ୍ଷ ହୋଇପାରିବେ। ଏହିକ୍ରମରେ ଗୁଣପୁର କଲେଜ ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ସୂର୍ଯ୍ୟ ନାରାୟଣ ପଣ୍ଡା ଅଧକ୍ଷ ହୋଇଥିଲେ। ଏହି ବିଜ୍ଞପ୍ତିକୁ ବିରୋଧ କରି ଓଡ଼ିଶାର ଅନୁଦାନ ପ୍ରାପ୍ତ ଘରୋଇ ମହାବିଦ୍ୟାଳୟର ବରିଷ୍ଠ ୟୁଜିସି ପ୍ରାଧାପକ ସଂଘ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ହାଇକୋର୍ଟ ତୁରନ୍ତ ଏହି ବିଜ୍ଞପ୍ତିକୁ ଖାରଜ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ଏବେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପତ୍ର ସଂଖ୍ୟା ୫୩୩୯୧, ୨୦୨୨ ଡିସେମ୍ବର ୨୮ ତାରିଖରେ ଏକ ନୂତନ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତି ଅନୁଯାୟୀ ଗୁଣପୁର କଲେଜରେ ଡ.ନିଳମାଧବ ଦାସ ବରିଷ୍ଠ ୟୁଜିସି ରାସାୟନିକ ବିଜ୍ଞାନ ବିଭାଗର ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ସହରରେ ଅନେକ କ୍ୟାମେରା ତଳମୁହାଁ, ଅନେକ ଅଚଳ

ଉମରକୋଟ, ୧୮।୧(ସ୍ୱ.ପ୍ର.)



ଉମରକୋଟ ସହରର ୬ଟିସ୍ଥାନରେ ଚୋରୀ ହେବାର ୨୪ ଘଣ୍ଟା ବିତି ଯାଇଛି। ଚୋର ଧରିବା ପାଇଁ କେତେଜଣ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୋଲିସ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଠୋସ ପ୍ରମାଣ ମିଳି ନାହିଁ। ସହରରେ ଲାଗିଥିବା କ୍ୟାମେରା କେତେକସ୍ଥାନରେ ତଳ ମୁହାଁ ହୋଇ ରହିଛି। ଏହାର ସୁଯୋଗ ନେଇ ଚୋରମାନେ ଚୋରି କରୁଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ସୂଚନାନୁଯାୟୀ ଗତ ବର୍ଷ ଉମରକୋଟ ପୌର ପରିଷଦ ପକ୍ଷରୁ ସମଗ୍ର ସହରରେ ପ୍ରାୟ ୪୫ଟି ହାଇ ରିଜଲୁସନ କ୍ୟାମେରା ଲଗାଯାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଲକ୍ଷ ଥିଲା ଚୋର, ଲୁଟେରା, ଦୁର୍ଘଟଣା ଘଟାଉଥିବା ଗାଡ଼ିକୁ ଧରିବା। ତେବେ ନୂଆ ବସ ଷ୍ଟାଣ୍ଡ, ପୁରୁଣା ବସ୍ ଷ୍ଟାଣ୍ଡ ଓ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ଭଳି ଅନେକ ସ୍ଥାନରେ କ୍ୟାମେରା ତଳ ମୁହାଁ ହୋଇ ପଡିଛି। ଏଗୁଡ଼ିକୁ ଯଦି ତୁରନ୍ତ ଠିକ କରାନଯାଏ ତେବେ ଚୋରମାନେ ବିନା ଡରରେ ସେମାନଙ୍କ ପ୍ରାଦୁର୍ଭାବ ବଢ଼ାଇବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। କିଛି ସ୍ଥାନରେ କ୍ୟାମେରା କାମ କରୁନଥିବା ନେଇ ଉମରକୋଟ ପୋଲିସ ଓ ପୌର ପରିଷଦ ପକ୍ଷରୁ ଅଭିଯୋଗ କରାଯିବା ସତ୍ତ୍ୱେ କ୍ୟାମେରା ଲଗାଇଥିବା ଏଜେନ୍ସି ମରାମତି କରୁ ନ ଥିବା ଦେଖିବାକୁ ମିଳିଛି। ଉକ୍ତ କ୍ୟାମେରାର ମରାମତି ପାଇଁ ମଧ୍ୟ ସାଧାରଣରେ ଦାବୀ ହେଉଛି। ଏ ବିଷୟରେ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ କୁମାର ଶବରଙ୍କୁ ପଚାରିବାରୁ କ୍ୟାମେରା କିଛି ତଳ ମୁହାଁ ହୋଇଥିବା କଥା ସ୍ୱୀକାର କରି ଶୀଘ୍ର ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।

# ୨୬ରେ ନବରଙ୍ଗପୁର ହେବ ହାତରେ ହାତ ଯୋଡ଼ ପଦଯାତ୍ରା

ନବରଙ୍ଗପୁର, ୧୮।୧(ବି.ପ୍ର.)

ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ଦ୍ୱାରା ପରିଚାଳିତ ଭାରତ ଜୋଡ ଯାତ୍ରା ସାଙ୍ଗକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟଙ୍କ ହାତ ରେ ହାତ ଜୋଡ ଯାତ୍ରା ୨୬ ଜାନୁଆରୀରେ ନବରଙ୍ଗପୁରରେ ହୋଇ ଜୟପୁର ଅଭିମୁଖେ ଯିବ ବୋଲି ଆଲୋଚନା ହୋଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପିସିସି ଉପସଭାପତି ସଦନ ନାୟକ ଓ ଭୁଜବଳ ମାଝି, କୁସିଆଁ ମାଝି, ପିସିସି ସଭ୍ୟ ଦିଲ୍ଲୀପ ବେହେରା, ଦିଲ୍ଲୀପ ପ୍ରଧାନ, ହାରାବତୀ ଗଣ୍ଡ, ଭାରତ ଜୋଡ ଜିଲା ମୁଖ୍ୟ ପଦ୍ମନ ବିଷୋୟୀ, ଶେଖ ଚଣ୍ଡ ଉସ୍ମାନି, ପି.ନାଗ ରତ୍ନାମା, ଆଇଏନ୍‌ଟିୟୁସି ସଭାପତି ଦିବାକର ପୂଜାରୀ, ବ୍ଲକ ସଭାପତି ଜି.ସାଇ ରାଜୁ, ପ୍ରହ୍ଲାଦ ହିଆଲ, ଅବଦୁଲ୍ ଫିରୋଜ,ନଗର ସଭାପତି ପ୍ରଦୀପ ସାହୁ,ଏଆଇସିସି ସଭ୍ୟା ମନିଷା ତ୍ରିପାଠୀ, ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ଛାତ୍ର କଂଗ୍ରେସ ସଭାପତି ପବିତ୍ର ଗରଡା, ଏସ୍‌ସି ସେଲ୍ ସଭାପତି ଅର୍ଜୁନ ସମରଥ ଓ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତି ଥିଲେ। ପିସିସି ସଭାପତି ପଟ୍ଟନାୟକଙ୍କ ତତ୍ତ୍ୱାଧାନରେ ପଦଯାତ୍ରା ଚଳିତ ମାସ ୨୫ରେ କଳାହାଣ୍ଡିରୁ ନବରଙ୍ଗପୁରରେ ପହଞ୍ଚିବ। ମଇଦଲପୁରରେ ଜିଲା କଂଗ୍ରେସ କମିଟି ।ହାକୁ ସ୍ୱାଗତ କରିବ। ଶୋଭାଯାତ୍ରାରେ ଆସିଥିବା ଶହେରୁ ଊର୍ଦ୍ଧ୍ୱ ପଦାଧିକାରୀ ନବରଙ୍ଗପୁର ପହଞ୍ଚି ଜିଲା ସଦର ମହକୁମା ନିକଟ ଚରକ ବନରେ ରାତ୍ରିଯାପନ କକରିବେ। ପରଦିନ ସକାଳୁ ଜିଲାର ଶତାଧିକ କଂଗ୍ରେସ କର୍ମୀଙ୍କ ସମାଗମରେ ପଦଯାତ୍ରା ବାହାରି ସ୍ଥାନୀୟ ଜିଲା କଂଗ୍ରେସ ଭବନରେ ପହଞ୍ଚିବ। ସେଠାରୁ ହାତରେ ହାତ ଜୋଡ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯିବ। ପଦଯାତ୍ରା ଇନ୍ଦ୍ରାବତୀ ନଦୀ କୂଳରେ ପହଞ୍ଚିବାପରେ ସେଠାରୁ ଜୟପୁର ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଅଲୋଚନା ହୋଇଛି। ବୁଧବାର ଜିଲା ଛାତ୍ର କଂଗ୍ରେସ ସଂଗଠନ ପକ୍ଷରୁ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ସଭାପତି ପବିତ୍ର ଗରଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି।

# ମଣ୍ଡିରେ ୨ହଜାର ବଦଳରେ କିଣା ହେଉଛି ୧୫୦୦ କୁଇଣ୍ଟାଲ ଧାନ

କୋରୁକୋଣ୍ଡା,୧୮।୧(ଡି.ଏନ୍.ଏ.)

ସରକାରୀ ନିୟମ ପାଇଁ ଚାଷୀ ମଣ୍ଡିରେ ଧାନ ବିକ୍ରିବେଳେ ହଇରାଣ ହେଉଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ। ବ୍ଲକର ତର୍ଲାକୋଟା ପଞ୍ଚାୟତ ସଦର ଧାନମଣ୍ଡିରେ ସରକାରଙ୍କ ନିୟମ ଅନୁଯାୟୀ ଗୋଟିଏ ମଣ୍ଡିରୁ ଦୈନିକ ୨ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ଧାର୍ଯ୍ୟ କରାଯାଇଛି। ମାତ୍ର ଏହି ମଣ୍ଡିରୁ ଦୈନିକ ୧୫୦୦କୁଇଣ୍ଟାଲ ଧାନ ଉଠୁଛି। ଚାଷୀଙ୍କୁ ଧାନ ଦେବାକୁ ଟୋକନ ଆସୁଛି, ହେଲେ କ୍ରୟ ଧାର୍ଯ୍ୟଲକ୍ଷ୍ୟଠାରୁ ଅଧିକ ହୋଇଗଲା କହି ଅଧିକାରୀମାନେ ଧାନ କିଣିବା ବନ୍ଦ କରିଦେଉଛନ୍ତି। ସମା ଜାଲା, ରଘୁ କନ୍ତାରି, ଡମ୍ବୁରୁ ଖିଲ, ବରି ମଡକାମି, ନାରାୟଣ ମାୟାଲିଙ୍ଗା, ସୁସ୍ମିତ ଦଳପତି, ଦାସ ପାଙ୍ଗୀ, ରଘୁରାମ ଜାଲା,ସମା ମାଝି, ନିରୁପମା ପଡାଲ, ଜିତୁ ପାଙ୍ଗୀ, ଦେବ ଖିଲ,ମାଳି ଖିଲ,ମାଧବ ହନ୍ତାଳଙ୍କ ପରି ବହୁ ଚାଷୀଙ୍କ ଧାନ ଏଯାଏ ବିକ୍ରି ହୋଇପାରିନାହିଁ। ୨ ଓ ୯ ତାରିଖରେ ଧାନ ବିକ୍ରି ପାଇଁ ଆଣିଥିବା ଚାଷୀଙ୍କ ଧାନ ନ କିଣି ୧୬ ତାରିଖରେ ବିକ୍ରି କରିବାକୁ ଆସିଥିବା ଚାଷୀଙ୍କ ଧାନ ଅଧିକାରୀମାନେ କିଣୁଛନ୍ତି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସେମାନେ ମଣ୍ଡିରେ ପାଟିତୁଣ୍ଡ କରିଥିଲେ। ପୂର୍ବରୁ ପଞ୍ଚାୟତର କେତେଜଣ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇ ଏକ ଦାବିପତ୍ର ଦେଇଛନ୍ତି। ସେ ସମୟରେ ଆଗାମୀ ଦିନରେ ଏନେଇ ଆଲୋଚନା କରି ପଦକ୍ଷେପ ନେବାକୁ ଯୋଗାଣ ଅଧିକାରୀ କହିଥିଲେ ମଧ ବର୍ତ୍ତମାନ ସୁଦ୍ଧା କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ଲ୍ୟାମ୍ପସ ଅଧିକାରୀ ଦାୟିତ୍ୱରେ ଥିବା ଅଭି ହଲ୍‌ବାଙ୍କୁ ପଚାରିବାରୁ ସେ କହିଲେ, ଯାହାର ଟୋକନ ଆସିଥିବ ଏବଂ ସେମାନେ ଯଦି ମୋବାଇଲରେ ଆସିଥିବା ମେସେଜ୍ ଦେଖାନ୍ତି ସେମାନଙ୍କ ଧାନ କିଣାଯାଉଛି। ସୂଚନାଯୋଗ୍ୟ, ମଣ୍ଡିରେ ଧାନ ବିକ୍ରିକରି ନ ପାରି ଅନେକ ଚାଷୀ ସେମାନଙ୍କ ଧାନ ଦଲାଲମାନଙ୍କୁ କମ୍ ଦରରେ ବିକି ଦେଉଥିବା ଦେଖିବାକୁ ମିଳୁଛି। ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବକୁ ଚାଷୀ ଦାବି କରିଛନ୍ତି।

# ମଣ୍ଡିରେ ସମୀକ୍ଷା କଲା ବିଧାନସଭା ଷ୍ଟାଣ୍ଡିଂ କମିଟି

ରାୟଗଡ଼ା,୧୮।୧(ସ୍ୱ.ପ୍ର.)



ବିଧାନସଭା ଷ୍ଟାଣ୍ଡିଂ କମିଟିବିଧାୟକ ଅରବିନ୍ଦ ଢ଼ାଲିଙ୍କ ନେତୃତ୍ୱରେ ମଙ୍ଗଳବାର ରାୟଗଡ଼ା ଗସ୍ତରେ ଆସି ମଣ୍ଡି ଉଦ୍‌ଘାଟନ କରିବା ସହ ସମୀକ୍ଷା କରିଛନ୍ତି। କମିଟିରେ ବିଧାୟକ ଢାଲିଙ୍କ ସମେତ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ମକରନ୍ଦ ମୁଦୁଲି ରହିଥିଲେ। କମିଟି ସଦସ୍ୟମାନେ କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡ଼ା ଠାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିସହ ଧାନମଣ୍ଡିର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ଉପସ୍ଥିତ ଚାଷୀ ଜରି ବସ୍ତା ଲ୍ୟାମ୍ପସ ତରଫରୁ ମିଳୁ ନ ଥିବା ଅଭିଯୋଗ କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ କଲ୍ୟାଣସିଂହପୁର ଲ୍ୟାମ୍ପ ଏମ୍‌ଡି ଚାଷୀଙ୍କୁ ବହୁତ ଅସୁବିଧା କରୁଛନ୍ତି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ୫ ଟଙ୍କାରେ ଜରି ବସ୍ତା ସୁବିଧା ରହିଥିଲେ ମଧ ବସ୍ତା ମିଳୁନାହିଁ। ଫଳରେ ସେମାନେ ବାହାରେ ବଜାରରେ ଅଧିକ ଦରରେ କିଣିବାକୁ ବାଧ ହେଉଛନ୍ତି। ପ୍ରାୟ ୩୦ ଟଙ୍କାରେ କିଣୁଥିବା ନେଇ ଅଭିଯୋଗ କରିଛନ୍ତି। ସେହିଭଳି ମଣ୍ଡିରେ ଓଜନରେ କୁଇଣ୍ଟାଲ ପିଛା ୨ କେଜି ଧାନ କାଟି ହିସାବ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି ବୋଲି ବିଧାୟକ ମକରନ୍ଦ ମୁଦୁଲି ସୂଚନା ଦେଇଛନ୍ତି।

# ବନାଗ୍ନି ସଚେତନତା ଶିବିର



ବୈଠକରେ ମଞ୍ଚାସୀନ ଅତିଥିମାନେ।

ବୈପାରୀଗୁଡା, ୧୮।୧(ଡି.ଏନ୍.ଏ.)

ବୈପାରୀଗୁଡା ବ୍ଲକ ରାମଗିରୀ ବନାଞ୍ଚଳ ପକ୍ଷରୁ ବୁଧବାର ବନାଗ୍ନୀ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଅଭିମନ୍ୟୁ କବି ଶତପଥୀ, ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧକ୍ଷ ପୂର୍ଣ୍ଣିମା ବାରିକ୍, ସହକାରୀ ବନ ସଂରକ୍ଷ ସୁବାସ ଚନ୍ଦ୍ର ଖୁଣ୍ଟିଆ ,ବନାଞ୍ଚଳ ଅଧିକାରୀ କାର୍ତ୍ତିକ ଖଣ୍ଡି, ଏମ୍‌ପିଙ୍କ ପ୍ରତିନିଧି ସାଥୀରାମ ନାୟକ, ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସମେତ ରାମଗିରୀ, ଚିପାକୁର, ଦଣ୍ଡାବାଡି ଓ ଗୁପ୍ତେଶ୍ୱର ପଞ୍ଚାୟତ ଲୋକ ପ୍ରତିନିଧି ମଞ୍ଚାସୀନ ଥିଲେ। ବୈଠକରେ ଏ ସବୁ ପଞ୍ଚାୟତର ୪୦ଟି ବନ ସୁରକ୍ଷା କମିଟି ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ। ଜଙ୍ଗଲ ପୋଡି ଦ୍ୱାରା ବନ୍ୟ ପ୍ରାଣୀ ତଥା ବନ ସମ୍ପ ନଷ୍ଟ ହେବା ନେଇ ବନ ବିଭାଗ ପକ୍ଷରୁ ବିସ୍ତୃତଭାବେ ବୁଝାଇ ଦିଆଯାଇଥିଲା। ଜଙ୍ଗଲରେ ନିଆଁ ଲଗାଇବାକୁ ଲୋକଙ୍କୁ ବାରଣ କରାଯିବା ସହ କୌଣସି ସ୍ଥାନରେ ନିଆଁ ଲାଗିଲେ ତାର ପ୍ରତିକାର କରିବାକୁ କୁହାଯାଇଛି।

# ଲୋକ ମହୋତ୍ସବ ଚଇତିରେ ଅବ୍ୟବସ୍ଥା

ରାୟଗଡ଼ା,୧୮।୧(ସ୍ୱ.ପ୍ର.)

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତିରେ ଚଳିତ ଥର ଆରମ୍ଭରୁ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରଥମତଃ ଚଳିତ ବର୍ଷ ଚଇତି ୨୦୨୨ ନାଁ ୨୦୨୩ ପାଳନ ହେଉଛି ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କେତେକ ସ୍ଥାନରେ ଚଇତି-୨୦୨୨ ଲେଖାଯାଇଥିବାବେଳେ ଆଉ କେଉଁଠି ଚଇତି ୨୦୨୩ ଉଲ୍ଲେଖ ରହିଛି। ଏ ବିଷୟରେ ଚଇତାଳି ପ୍ରସ୍ତୁତ କରୁଥିବା ଜଣେ କବି ତଥା ଲେଖକଙ୍କୁ ପଚାରିବାରୁ ସେ ଭୁଲ ରହିଥିବା କହିଛନ୍ତି। ଏହା ବାସୀ ମହୋତ୍ସବ ବୋଲି କେତେଜଣ ଭିଆଇପି କଥା ହେଉଥିବା ଶୁଣିବାକୁ ମିଳିଛି। ପ୍ରତ୍ୟେକ ବର୍ଷ ଚଇତି ଡିସେମ୍ବର ମାସରେ ଆୟୋଜନ ହେଉଥିଲା। ଚଳିତ ବର୍ଷ ହକି ବିଶ୍ୱକପକୁ ନଜରରେ ରଖିଏହାକୁ ଜାନୁୟାରୀ ମାସକୁ ଘୁଞ୍ଚାଗଲା। ହେଲେ ଏ ନେଇ ବିଭିନ୍ନ ପକ୍ଷରୁ ମତାମତ ନ ନେଇ ମନମୁଖୀ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହେଉଛି। ସେହିପରି ଉତ୍ସବର ପ୍ରଥମ ଦିନର ମୁଖ୍ୟ ଅତିଥି ରାୟଗଡ଼ା ଆସିବା ପରେ ସକାଳୁ ଫେରି ଯାଇଥିବା ବେଳେ ବିଶିଷ୍ଟ ଅତିଥି ପହଞ୍ଚି ନ ଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରିତ ହୋଇଥିଲେ। ସକାଳେ ସେ ଟ୍ରେନ୍‌ରେ ଆସି ରାୟଗଡ଼ାରେ ପହଞ୍ଚିଥିଲେ। ଶାସକ ଦଳର ନେତା ଓ କର୍ମୀ ତାଙ୍କୁ ସ୍ୱାଗତ କରି ସର୍କିଟ ହାଉସକୁ ନେଇଥିଲେ। ହେଲେ ସର୍କିଟ ହାଉସରେ ରହିବା ସମୟରେ ଏକ ଫୋନ କଲ୍ ପାଇ ମନ୍ତ୍ରୀ ଭୁବନେଶ୍ୱର ଫେରିଯାଇଥିଲେ। ତେବେ କେଉଁ କାରଣରୁ ସେ ଫେରିଗଲେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହାର କାରଣ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲିଙ୍କୁ ପଚାରିବାରୁ ସେ ମଧ ସୂଚନା ଦେଇପାରି ନାହାନ୍ତି। ସେହିଭଳି ବିଶିଷ୍ଟ ଅତିଥି ଭାବେ ଜଙ୍ଗଲ, ପରିବେଶ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ



ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ତେବେ ସେ ମୂଳରୁ ଆସି ନ ଥିଲେ। ମଙ୍ଗଳବାର ପର୍ଯ୍ୟନ୍ତ ମନ୍ତ୍ରୀ ପ୍ରଦୀପ ଅମାତ ଆସିବା ନେଇ ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ମଧ ସେ ଆସି ନ ଥିଲେ।

ଅନ୍ୟପକ୍ଷରେ ଜିଲାର ପ୍ରସିଦ୍ଧ ଲୋକ ମହୋତ୍ସବ ଚଇତି ନିମନ୍ତେ ପୂର୍ବ ବର୍ଷଗୁଡ଼ିକରେ ବିଶେଷ ପ୍ରଚାର ପ୍ରସାର ହେଉଥିଲା। ଚଳିତ ବର୍ଷ ଡିଜିଟାଲ ପ୍ରଚାର କରାଯାଇଥିଲେ ମଧ ଏହାର ପ୍ରଭାବ ନ ଥିଲା ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ହେଉଛି। ୨୦୧୯ରେ ଅତି ସୁନ୍ଦର ଭାବେ ପ୍ରଚାର ପ୍ରସାର ହୋଇଥିବାବେଳେ ଚଳିତ ଥର ପ୍ରଚାରକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥିବା ମତପ୍ରକାଶ ପାଉଛି। ଗ୍ରାମାଞ୍ଚଳରେ ଲୋକଙ୍କ ନିକଟରେ ମହୋତ୍ସବର ସୂଚନା ନ ଥିବା ଜଣାପଡ଼ିଛି। ପୂର୍ବରୁ ଚନ୍ଦ୍ରପୁର ବ୍ଲକରେ ମଧ ଚଇତି ପାଳନ ବେଳେ ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ଗଣମାଧ୍ୟମକୁ ବ୍ଲକ ପ୍ରଶାସନ ଭୁଲିଯାଇଥିଲା। ଚଳିତ ବର୍ଷ ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ହାତକୁ ଚଇତି ପ୍ରସ୍ତୁତି ଟେଣ୍ଡର ଦିଆଯାଇଥିବାରୁ ଏଭଳି ଅବ୍ୟବସ୍ଥା ହୋଇଥିବା କେତେଜଣ ସରକାରୀ କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

ଚଳିତ ଥର ଚଇତି ଶୋଭାଯାତ୍ରା ମଧ୍ୟ ପୂର୍ବବର୍ଷ ଭଳି ଆକର୍ଷଣୀୟ ହୋଇନାହିଁ। ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀ ମନ୍ଦିର ଓ ଶ୍ରଦ୍ଧା ଶ୍ରୀକ୍ଷେତ୍ର ଠାରେ ପୂଜାର୍ଚ୍ଚନା ସହ ଏକ ବିରାଟ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ହେଲେ ମଝିଘରିଆଣୀ ମନ୍ଦିରରୁ ଆଜ୍ଞାମାଳ ଆଣିବା ସମୟରେ ଜିଲାପାଳଙ୍କୁ ଦେଖିବାକୁ ମିଳି ନ ଥିଲା। ପ୍ରଶାସନିକ ଅଧିକାରୀ ମଧ କମ ସଂଖ୍ୟାରେ ଥିଲେ। ରାୟଗଡ଼ା ବିଧାୟକ ଏବଂ କୋରାପୁଟ ଏମ୍‌ପି ମଧ ଅନୁପସ୍ଥିତ ଥିଲେ। ମଝି ରାସ୍ତାରେ କିଏ କେଉଁଠି ମିଶି ଫଟୋ ଉଠାଇ ନେଇଥିଲେ। ମନ୍ଦିରରୁ କଳସ ନେଇ ବାହାରିବା ପରମ୍ପରାରେ ମଧ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲା ପରିଷଦ ନିର୍ବାହୀ ଅଧିକାରୀ ଏବଂ ରାୟଗଡ଼ା ତହସିଲଦାର କଳସ ଧରି ମାଁ ମଝିଘରିଆଣୀ ମନ୍ଦିରରୁ ବାହାରିଥିଲେ। ଏହାପରେ ଯେଉଁ ଶୋଭାଯାତ୍ରା ବାହାରିଥିଲା ତାହା କିଏ ପରିଚାଳନା କରୁଥିଲା କେହି ଜାଣିପାରୁ ନଥିଲେ। ନୃତ୍ୟଦଳ ନିଜ ବାଟରେ ଓ କଳସ ନିଜ ବାଟରେ ରହିଥିଲା। ଶୋଭାଯାତ୍ରା ଶେଷ ହୋଇ ଚଇତି ମଣ୍ଡପକୁ ପହଞ୍ଚି ମଶାଲ ଏବଂ କଳସ ସ୍ଥାପନ ହେବାର ବହୁ ସମୟ ପରେ ଜିଲାପାଳ ମଣ୍ଡପରେ ପହଞ୍ଚିଥିଲେ। ଏମିତିକି ଉଦ୍‌ଘାଟନ ପରେ ମଧ ଷ୍ଟଲ୍ ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି। ତେଣୁ ମହୋତ୍ସବକୁ ନେଇ କାହାର ଆଗ୍ରହ ନାହିଁ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରୁଛନ୍ତି।

# ଚାଷୀଙ୍କ ସମସ୍ୟା ନେଇ ବୈଠକରେ ଉଦ୍‌ବେଗ

**ନବରଙ୍ଗପୁର,୧୮।୧(ବି.ପ୍ର.)**



ବୈଠକରେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନେ।

ନବରଙ୍ଗପୁର ରାଜୀବ ଭବନ ବୈଠକ ଗୃହରେ ୬ଷ୍ଠ ତମ ଜିଲାପରିଷଦର ତୃତୀୟ ସାଧାରଣ ବୈଠକ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଚାଷୀଙ୍କ ସମସ୍ୟା ଓ ମଣ୍ଡି ଟୋକନକୁ ନେଇ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ଚଳିତ ବର୍ଷର ସର୍ଭେନୁଯାୟୀ, ଜମିର ପରିମାଣ କମିଯିବା ଦ୍ୱାରା ଟୋକନରେ ଧାନପରିମାଣ ମଧ୍ୟ କମ ଆସିଛି। ୫୦ ଏକର ଜମିରେ ଚାଷ କରିଥିବାବେଳେ ୨୦ ଏକର ଚାଷ ହୋଇଥିବା ରପୋର୍ଟ ଆସିଛି। ସେହି ଅନୁଯାଇ ମଣ୍ଡିରେ ଧାନ ଦେବାକୁ ଟୋକନ ହୋଇଛି ବୋଲି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଛନ୍ତି। ସେହିଭଳି ଚନ୍ଦାହାଣ୍ଡି ବ୍ଲକରେ ମଣ୍ଡିରୁ ଧାନ ଉଠୁନଥିବା ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଅଭିଯୋଗ କରିଥିଲେ। ରାସନ କାର୍ଡ ଥିବା ସତ୍ତ୍ୱେ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯାଉ ନାହିଁ ବୋଲି ଜିଲାପରିଷଦ ସଭ୍ୟା ଡାକ୍ତର ଲିପିକା ମାଝି କହିଥିଲେ। ରାଜୀବ ଭବନର ନାମ ପରିବର୍ତ୍ତନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ନାମରେ ନାମିତ କରିବାକୁ ଏମପି ରମେଶ ମାଝି ପ୍ରସ୍ତାବ ଦେଇଥିଲେ। ଜିଲାରେ ୧୩୩ଟି ପଡାଗାଁକୁ ରାଜସ୍ୱ ଗାଁରେ ପରିଣତ କରିବା ପ୍ରସ୍ତାବ ରହିଛି। ସେଥିରୁ ୯ଟି ଗାଁକୁ ରଦ୍ଦ କରାଯାଇଛି। ରାଜସ୍ୱ ଗାଁହେଲେ ମ୍ୟାପ ପରିବର୍ତ୍ତନ ହେବ ବୋଲି ଜିଲାପାଳ କମଳ ଲୋଚନ ମିଶ୍ର କହିଛନ୍ତି।

ତେନ୍ତୁଳିଖୁଣ୍ଟି ବ୍ଲକରେ ପ୍ରତି ପ୍ୟାକେଟରେ ୨୫୦ ଗ୍ରାମ ଓଜନର ଛତୁଆ କମ ପ୍ରଦାନ କରାଯାଉଛି। ସରକାର ପୁଷ୍ଟିକର ଖାଦ୍ୟ ଯୋଗାଉଥିବାବେଳେ ଏହାର ଗୁଣ, ମାନ ଓ ଓଜନ ଉପରେ ସନ୍ଦେହ ରହିଥିବା ନେଇ ଜିଲାପରିଷଦ ସଭ୍ୟ ରତିକାନ୍ତ ପଣ୍ଡା ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ହେବ ବୋଲି ଜିଲାପାଳ କହିଛନ୍ତି। ନୂତନ ଜଙ୍ଗଲ ସୃଷ୍ଟି, ରାସ୍ତାକଡରେ ଚାରା ରୋପଣ ହୋଇଛି ବୋଲି ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର କହିଛନ୍ତି। ଜିଲାର ସମସ୍ତ ପାଦଚଲା ରାସ୍ତା ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ବର୍ଷା ପୂର୍ବରୁ ରାସ୍ତାକୁ ବ୍ଲକଓ୍ୱାରି ଚିହ୍ନଟ କରି ଉନ୍ନତିକରଣ କରିବାକୁ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନ ମତ ରଖିଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକର ୫ଗାଁ ବିଚ୍ଛିନ୍ନାଞ୍ଚଳରେ ରହିଥିବାବେଳେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗାଁଲୋକ ୨ଟି ରାସ୍ତା କଲେ। କିନ୍ତୁ ସେମାନଙ୍କୁ ଏବେ ଯାଏ ପ୍ରାପ୍ୟ କାହିଁକି ମିଳିନି ବୋଲି ବିଧାୟକ ପ୍ରଧାନୀ ପ୍ରଶ୍ନ କରିଥିଲେ। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ପାର୍କ କରାଯାଉ। ଏଥିସହ ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୧୨୨ଟି ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲେ ସୁଦ୍ଧା ୩ ବର୍ଷହେଲା ଅନୁମୋଦନହୋଇ ମିଳି ନ ଥିବାରୁ ବିଧାୟକ ରନ୍ଧାରୀ କ୍ଷୋଭ ପ୍ରକାଶ କରିଥିଲେ। ପଞ୍ଚାୟତରୁ ଦିଆଯାଉଥିବା ପ୍ରସ୍ତାବ ଅନୁମୋଦନ ହୋଇ ପାରୁ ନ ଥିବାବେଳେ ଜିଆର୍‌ଏସ୍ ଓ ଠିକାଦାରଙ୍କ ପ୍ରସ୍ତାବକୁ ଅନୁମୋଦନ ମିଳୁଛି। ଅଞ୍ଚଳବାସୀଙ୍କ ନିକଟରେ ନିର୍ବାଚିତ ପ୍ରତିନିଧିମାନେ ଉତରଦାୟୀ ହେଉଛନ୍ତି ବୋଲି ଜିଲାପରିଷଦ ସଭ୍ୟ ଦିବ୍ୟଦାନ ସୁନା କହିଥିଲେ। ଜୀବିକା ମିଶନ ମାଧ୍ୟମରେ ୧୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସୂଚନା ଦିଆଯାଇଛି। ଜିଲାରେ ଥିବା ୧୧ଟି କସ୍ତୁରବାଗାନ୍ଧି ବିଦ୍ୟାଳୟରେ ଚଳିତ ବର୍ଷରୁ ଏକାଦଶ ଓ ଦ୍ୱାଦଶ ଛାତ୍ରୀମାନେ ପଢ଼ିବେ। ନନ୍ଦାହାଣ୍ଡି ବ୍ଲକ ନାଙ୍ଗଲ ଅଟାଲ ବିଦ୍ୟାଳୟରେ ୨୭ ଜଣ ଛାତ୍ରୀଛାତ୍ର ଥିବାବେଳେ ୧୫ ଜଣ ରହିଥିବା କହି ତାହାକୁ ବନ୍ଦ କରାଗଲା। ପାଖ ଗାଁକୁ ଛାତ୍ରୀଛାତ୍ର ମାନେ ଯାଇ ପଢୁଛନ୍ତି। ସେମାନଙ୍କ ଗସ୍ତ ଖର୍ଚ୍ଚ ଶିକ୍ଷାବିଭାଗ ବହନ କରିବେ କି ବୋଲି ପ୍ରଶ୍ନ କରାଯାଇଛି। ସେଠାରେ ବିଦ୍ୟାଳୟ ଖୋଲିବାକୁ ଦାବି ହୋଇଥିଲା। ଖାଲି ପଡଇଥିବା ପ୍ରଧାନଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବାକୁ ଦାବି ହୋଇଛି। ପାପଡ଼ାହାଣ୍ଡି ବ୍ଲକ ଜବାଗୁଡା ସ୍କୁଲରେ ଶ୍ରେଣୀଗୃହ ଓ ରୋଷେଇ ଘର ନାହିଁ। ମଧ୍ୟାହ୍ନ ଭୋଜନ ରୋଷେୟାଙ୍କ ଘରେ ରନ୍ଧାଯାଇ ସ୍କୁଲକୁ ଅଣାଯାଉଛି ବାଲି ଡାକ୍ତର ମାଝି କହିଥିଲେ। ବୈଠକରେ ଉମରକୋଟ ବିଧାୟକ ପ୍ରତିନିଧି କାଜମ ମାଦାନୀ, ରାଜ୍ୟସଭା ସଦସ୍ୟଙ୍କ ପ୍ରତିନିଧି ବଦ୍ରୀ ନାରାୟଣ ସିଂ, ଜିଲାପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ଜିଲାପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ଟାଲି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କ୍ୟାମ୍ପ କୋର୍ଟ ଅନୁଷ୍ଠିତ



**ଜୟପୁର, ୧୮।୧ (ନି.ପ୍ର.):** ଜୟପୁର ତହସିଲର ଜାମୁଣ୍ଡା ସର୍କଲରେ ବୁଧବାର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଛି। ଜୟପୁର ତହସିଲଦାର ଦାୟିତ୍ୱରେ ଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଆରଆଇ ଜ୍ଞାନରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ସରକାରୀ ଜମି ଜବରଦଖଲ କରିଥିବା ବ୍ୟକ୍ତିଙ୍କ ଶୁଣାଣି ହୋଇଥିଲା। ୫୯ ମାମଲା ମଧ୍ୟରୁ ୩୧ ଜଣ ଅନୁପସ୍ଥିତ ରହିଥିଲେ। ୨୮ ଜଣଙ୍କର ଶୁଣାଣି ହୋଇଥିବାବେଳେ ୧୯ ହଜାର ୬୯୦ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି।

### କଲେଜରେ ଆଲୋଚନାଚକ୍ର

**ସେମିଳିଗୁଡ଼ା/ସୁନାବେଡା,୧୮।୧(ସ୍ୱ.ପ୍ର.)** ସେମିଳିଗୁଡ଼ା ସେମିଳିଗୁଡ଼ା ମହାବିଦ୍ୟାଳୟରେ ଆଇକ୍ୟୁଏସି, ଏନ୍‌ଏସ୍‌ଏସ୍ ଓ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ 'ଆଜିର ସମୟରେ ଗାନ୍ଧୀ ଏବଂ ବିନୋବାଙ୍କ ପ୍ରାସଙ୍ଗିକତା' ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ଶିବାଶିଷ ପଟ୍ଟନାୟକ ପାଠଚକ୍ର ପ୍ରାରମ୍ଭ କରିଥିଲେ। ସିତମ ଇଞ୍ଜିନିୟରିଂ କଲେଜର ଚେୟାରମ୍ୟାନ କୃଷ୍ଣସିଂହ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ନିଜର ସଂଘର୍ଷମୟ ଜୀବନ ଏବଂ ଗାନ୍ଧୀବାଦୀ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର ,ବିଜେଡି ଜିଲା ସହ ସମ୍ପାଦକ ରଘୁରାମ ମାଛ ସମ୍ମାନିତ ଅତିଥି, ରାଜନୀତି ବିଶାରଦ ପ୍ରଫେସର ଅଭିରାମ ବିଶ୍ୱାଳ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ପାଠଚକ୍ରକୁ ୟୁଥ୍ ରେଡ୍‌କ୍ରସ୍ କାଉନ୍‌ସିଲ୍‌ର ଡ. ବିଦ୍ୟୁତପ୍ରଭା ରାଉତ ପରିଚାଳନା କରିଥିଲେ। ପ୍ରଶାସନିକ ମୁଖ୍ୟ ଡ. ରମାରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଡ. ଝାନ୍ସୀ ସିଂହ, ଡ. ପ୍ରୀତୀଶ ବେହେରା, ରମେଶ ମଲ୍ଲିକ, ରତ୍ନମଣି କହଁର, ଅମିତା ଦାସ, ଚିତ୍ତରଞ୍ଜନ ଦାସ, ଅସିତ ମିଶ୍ର, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



**ଦଶମନ୍ତପୁର, ୧୮।୧(ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଜୋନ୍-୧ ଜିଲା ପରିଷଦ ସଭ୍ୟା, ଜୋନ୍-୨ ଜିଲା ପରିଷଦ ସଭ୍ୟ ଧନପତି ସାଉନ୍ତା, ବ୍ଲକ ଶିଶୁ ବିକାଶ ଅଧିକାରୀ ସାବିତ୍ରୀ ସାହୁ, ଅତିରିକ୍ତ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଗୌତମ ଖୋସ୍‌ଲା, ଦଶମନ୍ତପୁର ସରପଞ୍ଚ ସବାଇ ମୁଦୁଲି, ଚିକାମ୍ବ ସରପଞ୍ଚ ସାଇବାଣୀ ଜାନି, ଦଶମନ୍ତପୁର ସମିତି ସଭ୍ୟ ମଧୁସ୍ମିତା ବାଘ ଉପସ୍ଥିତ ଥିଲେ। ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୯ଟାରେ ପତାକା ଉତ୍ତୋଳନ କରାଯିବ। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଅନ୍ୟ ଜନ ପ୍ରତିନିଧି ଉପସ୍ଥିତ ନ ଥିବାରୁ ବିଡିଓ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାରୀ ଅଧିକାରୀ ଏବଂ ଜନ ପ୍ରତିନିଧିଙ୍କ ଅନୁପସ୍ଥିତିକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ଫେରାର ଅଭିଯୁକ୍ତ ଗିରଫ

**ଜୟପୁର,୧୮।୧ (ନି.ପ୍ର.):** ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ସେ ହେଲେ ମିଲ ସାହିର କାଳୁ ନାୟକ। ପୋଲିସ ସୂଚନାନୁଯାୟୀ, ଜୟପୁର ମିଲ ସାହିର କାଳୁ ନାୟକଙ୍କ ନାମରେ ଜୟପୁର ଟାଉନ ଥାନାରେ ୨୦୧୬ରେ ମାରପିଟ ମାମଲା ରହିଥିଲା। ସେହି ଦିନରୁ ଅଭିଯୁକ୍ତ ଫେରାର ଥିଲେ। ବୁଧବାର ମିଲ ସାହିରୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଟାଉନ ପୋଲିସ ପକ୍ଷରୁ ସୂଚନା ମିଳିଛି।

# ବାଲ୍ୟବିବାହ ରୋକିଲା ପ୍ରଶାସନ

**ଚନ୍ଦାହାଣ୍ଡି, ୧୮।୧(ଡି. ଏନ୍. ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଜମାଦାରପଡ଼ା ପଞ୍ଚାୟତରେ ଚାଲିଥିବା ଏକ ବାଲ୍ୟବିବାହକୁ ରୋକିଛି ପ୍ରଶାସନ। ବୁଧବାର ଏକ ବାଲ୍ୟବିବାହ ଚାଲିଥିବା ନେଇ ପ୍ରଶାସନ ଖବର ପାଇଥିଲା। ପରେ ଚନ୍ଦାହାଣ୍ଡି ପୋଲିସ, ଚନ୍ଦାହାଣ୍ଡି ଆଇସିଡିଏସ୍ ବିଭାଗର କର୍ମଚାରୀ ମିଳିତଭାବେ ସେହି ଗ୍ରାମରେ ଚଢ଼ାଉକରି ବାଲ୍ୟବିବାହକୁ ବନ୍ଦ କରାଇଥିଲେ। ସିଡିପିଓ ସୌରେନ୍ଦ୍ରୀ ମହାନନ୍ଦ, ମଣ୍ଡଳ ପରିଦର୍ଶିକା ପୁଲସରା ଭତ୍ରା, ନନ୍ଦିନୀ ଶତପଥୀ, ଡଲି ଖୋସ୍‌ଲା ଏବଂ ଅଙ୍ଗନୱାଡି କର୍ମୀ ଜୟନ୍ତୀ ନାୟକଙ୍କ ସହ ଚନ୍ଦାହାଣ୍ଡି ପୋଲିସ କର୍ମଚାରୀ ବସନ୍ତ ସ୍ୱାଇଁ ଉଭୟ ବର ଓ କନ୍ୟା ପକ୍ଷ ଲୋକଙ୍କୁ ବୁଝାଶୁଝା କରିଥିଲେ। ଝିଅଙ୍କୁ ୧୮ବର୍ଷ ଆଗରୁ ବିବାହ କରାଗଲେ ଏହା ଆଇନତଃ ଅପରାଧ ବୋଲି କହିବା ସହିତ ଏଥିରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟ ପରିବାରକୁ ବୁଝାଯାଇଥିଲା। ପରେ ଉଭୟ ପରିବାରଙ୍କ ସହମତିରେ ବାହାଘର ସ୍ଥଗିତ ରଖାଯାଇଥିଲା। ଉଭୟଙ୍କ ବିବାହ ବୟସ ହେଲେ ସେମାନଙ୍କୁ ବାହା କରାଯିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

# ବାଲି ଆଣିବାକୁ ବାହାରିଲା ଶୋଭାଯାତ୍ରା



ଅଞ୍ଚଳବାସୀ ଶୋଭାଯାତ୍ରାରେ ବାଲି ଆଣିବାକୁ ଯାଉଛନ୍ତି।

**ବୋରିଗୁମ୍ମା, ୧୮।୧(ଡି.ଏନ୍.ଏ.)**

**ବୋରିଗୁମ୍ମା ଅଞ୍ଚଳର ପ୍ରସିଦ୍ଧ ବାଲି ଯାତ୍ରାର ଶୁଭାରମ୍ଭ**

ବୋରିଗୁମ୍ମା ଅଞ୍ଚଳର ପ୍ରସିଦ୍ଧ ବାଲି ଯାତ୍ରା। ଏହି ବାଲି ଯାତ୍ରା ପାଇଁ ବୁଧବାର ବାଲି ଆଣିବାକୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ପୁରୁଣା ବୋରିଗୁମ୍ମାରେ ଥିବା ବାଲିଘରରୁ ଏକ ବିରାଟ ଶୋଭାଯାତ୍ରା ବାଲିଘାଟ ପର୍ଯ୍ୟନ୍ତ ବାହାରିଥିଲା। ଶ୍ରୀ ଭୈରବ ମନ୍ଦିର ନିକଟରେଥିବା ବାଲିଘାଟରେ ଜନସମାଗମ ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ଆସନ୍ତା ୨୦ ତାରିଖରେ ବାଲିଘରେ ବିହନ ବୁଣା ହେବ। ୨୭ ତାରିଖରେ ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ସେଦିନ ପ୍ରସାଦ ସେବନ ର ବ୍ୟବସ୍ଥା କରାଯିବ। ୨୯ ତାରିଖରେ ବାଲିଯାତ୍ରା ଉତ୍ସବ ପାଳନ ହେବ। ସ୍ଥାନୀୟ ଲୋକେ ଗ୍ରାମ ଦେବତାଙ୍କୁ ପୂଜା କରି ଭଲ ଫସଲ ଓ ସମସ୍ତଙ୍କ ଆରୋଗ୍ୟମୟ ଜୀବନ କାମନା କରିଥାନ୍ତି। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ହେଲା ମାନସିକଧାରୀ ମହିଳାଙ୍କ ମୁଣ୍ଡରେ ଟାଙ୍ଗୁଡ଼ି ଏବଂ ପୁରୁଷମାନଙ୍କ ହାତରେ ବାଜା।

# କାଉଡିଆଗୁଡ଼ା କନ୍ୟାଶ୍ରମରେ ଚତୁର୍ଥ ବାର୍ଷିକ ଉତ୍ସବ

**କୁନ୍ଦୁରା, ୧୮।୧(ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାଉଡ଼ିଆଗୁଡ଼ା କନ୍ୟାଶ୍ରମର ଚତୁର୍ଥ ବାର୍ଷିକୋତ୍ସବ ପାଳିତ ହୋଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ସେଠୀ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ ଡାଣ୍ଡି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ଏସ୍‌ଏମ୍‌ସି ସଭାପତି ଜଗତ ନାୟକ, କନ୍ୟାଶ୍ରମ ପ୍ରଧାନ ଶିକ୍ଷକ ଲାଲବାହାଦୁର ମଲ୍ଲିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, କୁନ୍ଦୁରା ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ପୂର୍ବତନ ସରପଞ୍ଚ ମହେଶ୍ୱର ପେଣ୍ଡିଆ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବାରୁ ବିଦ୍ୟାଳୟକୁ ୧ଲକ୍ଷ ଟଙ୍କା ପୁରସ୍କାର ମିଳିଥିବା ପ୍ରଧାନ ଶିକ୍ଷକ କହିଥିଲେ। ଏହି ବିଦ୍ୟାଳୟର ଛାତ୍ରୀମାନେ ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ଭାଗନେଇଥିବା କଥା କୁହାଯାଇଛି। ସ୍କୁଲରେ ବିଦ୍ୟୁତ୍ ବ୍ୟବସ୍ଥା, ନଳକୂପ ବ୍ୟବସ୍ଥା କରିବା ପାଇଁ ଜିଲା ଏବଂ ବ୍ଲକ ପ୍ରଶାସନକୁ ନିବେଦନ କରାଯାଇଛି। ଅତିଥିମାନେ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ସେନାପତି, ସ୍ମୃତିରେଖା ଦାଶ, ଶାନ୍ତିଲତା ବେହେରା, ରଶ୍ମିତା କୁସୁରଲିଆ, ସୁରଭି ମିଶ୍ର, ରୋଜାଲିନ ବିଶ୍ୱଭାରତୀ, ସୁଜୟ ଗହୀର, ସୁଶାନ୍ତ ଭୂୟାଁ, ଗଣେଶ ପ୍ରସାଦ ସାହୁ, ପଙ୍କଜିନୀ ପ୍ରଧାନ, ଧନୁର୍ଜୟ ଖୋରା, ରମେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବୈପାରୀଗୁଡ଼ା, ୧୮।୧(ଡି.ଏନ୍.ଏ.)**

ବୈପାରୀଗୁଡ଼ା ଅଞ୍ଚଳର ବିଭିନ୍ନ ସମାସ୍ୟାକୁ ନେଇ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଉଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୈପାରୀଗୁଡା ମୁଖ୍ୟ ଛକରେ ଟ୍ରାଫିକ୍ ପୋଷ୍ଟ ନିର୍ମାଣ, ଧନି ବ୍ୟକ୍ତିମାନଙ୍କୁ ମିଳିଥିବା ଜବ୍‌କାର୍ଡକୁ ରଦ୍ଦ , ବିଦେଶୀ ଠିପି ବନ୍ଦ ଦୋକାନ ସ୍ଥାନାନ୍ତରକୁ ବନ୍ଦ, ଧନି ଲୋକଙ୍କୁ ମିଳୁଥିବା ପ୍ରଧାନମନ୍ତ୍ରୀ ଆବାସର ତଦନ୍ତ କରାଯାଇ କାର୍ଯ୍ୟାନୁଠାନ ନେବାକୁ ଦାବି ହୋଇଛି। ବୈପାରୀଗୁଡା ମୁଖ୍ୟ ଛକରେ ନିର୍ମାଣଧୀନ ଶୌଚାଳୟ କାମ ଶେଷ କରିବ, ବୈପାରୀଗୁଡାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ସଭାପତି ହରିହର ନାୟକ, ସମ୍ପାଦକ ସମୁ ପ୍ରସାଦ ମହାନ୍ତି ଓ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିବେକାନନ୍ଦଙ୍କ ରଥକୁ ସ୍ୱାଗତ, ଯୁବ ଉତ୍ସବ



ସ୍ୱାମୀ ବିବେକାନନ୍ଦଙ୍କ ରଥକୁ ଶୋଭାଯାତ୍ରାରେ ଅଣାଯାଉଛି।

**ନବରଙ୍ଗପୁର,୧୮।୧(ବି.ପ୍ର.)**

କନ୍ୟାକୁମାରୀରୁ ଆସିଥିବା ସ୍ୱାମୀ ବିବେକାନନ୍ଦଙ୍କର ଭବ୍ୟ ରଥକୁ ନବରଙ୍ଗପୁର ଜିଲାରେ ସ୍ୱାଗତ ଏବଂ ନବରଙ୍ଗପୁର ମହାବିଦ୍ୟାଳୟରେ ଯୁବ ଉତ୍ସବ ପାଳନ କରାଯାଇଛି। ଜାତୀୟ ଯୁବ ଦିବସ ଅବସରରେ ମହାବିଦ୍ୟାଳୟର ସୁବର୍ଣ୍ଣ ସେନା, ଯୁବ ରେଡକ୍ରସ, ଏନ୍‌ସିସି, ଜାତୀୟ ସେବା ସଂସ୍ଥା ସ୍ୱେଚ୍ଛାସେବୀ ଓ ଅଧିକାରୀମାନେ ଉକ୍ତ ରଥକୁ ମହାବିଦ୍ୟାଳୟ ପରିସରରେଥିବା ସ୍ୱର୍ଣ୍ଣ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ସ୍ୱାମୀଜୀଙ୍କ ରଥ ସହ ଆସିଥିବା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ଗଣେଶାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ବିକଶିତ ଯୁବା, ବିକଶିତ ଭାରତ' ଉପରେ ଭାଷଣ ଦେଇଥିଲେ। ହିଞ୍ଜିଳିକାଟୁ ମହାବିଦ୍ୟାଳୟ ଅବସର ପ୍ରାପ୍ତ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଏକ ସଚେତନତା ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଯୁବ ଉତ୍ସବ ନିମନ୍ତେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତ ଲାଗି ଜଣେ ମୃତ

**ଡାବୁଗାଁ, ୧୮।୧ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଡୁମୁଣିଗୁଡା ଗ୍ରାମର ଯଦୁ ସିଂ (୫୦) ଙ୍କର ବିଦ୍ୟୁତ ଆଘାତରେ ବୁଧବାର ଅପରାହ୍ନ ରେ ମୃତ୍ୟୁଘଟିଛି। ଡାବୁଗାଁ ପୋଲିସ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯଦୁ ସିଂ ଅପରାହ୍ନ ୪ଟାରେ ନିଜ ମକା ଜମିରେ କିଛି କାଠ ଧରି ଗୋଟିଏ ଜାଗାରୁ ନେଇ ଅନ୍ୟ ସ୍ଥାନକୁ ଯାଉଥିଲେ। ଏହି ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେ ତଳେ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତକଙ୍କ ପୁଅ ପ୍ରକାଶ ସିଂ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଇନ୍ସପେକ୍ଟର ଚନ୍ଦନ ସାହୁ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ସେମିଳିଗୁଡ଼ା/ସୁନାବେଡା, ୧୮।୧(ସ୍ୱ.ପ୍ର.)**

ତାମିଲନାଡୁ ତ୍ରିପୁରା ଜିଲାରେ କାମ କରୁଥିବା କୋରାପୁଟ ଜିଲା ପଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ତଳଭାରାବନ୍ଧ ଗାଁର ସନା ଖରା(୨୮)ଙ୍କ ସେଠାରେ ମୃତ୍ୟୁ ହୋଇଛି। ବୁଧବାର ମୃତଦେହ ଗାଁରେ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ସକାଳୁ କୌଣସି କାରଣରୁ ସନାଙ୍କର ସେଠାରେ ମୃତ୍ୟୁ ହୋଇଥିଲ। ମୃତ୍ୟୁ ଖବର ପାଇବା ପରେ ଥାନା ଓ ବ୍ଲକ ପ୍ରଶାସନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନେ ମୃତଦେହ ଫେରାଇ ଆଣିବାକୁ କୌଣସି ପଦକ୍ଷେପ ନେଇ ନଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏଥିରେ ହସ୍ତକ୍ଷେପ କରିଥିଲେ। ସେମିଳିଗୁଡା ବ୍ଲକ ଜୋନ ୨ ଜିଲା ପରିଷଦ ମୋହନ ଯାନୀ, ସମାଜିକ କର୍ମୀ ସାମ୍ଵା ପାଙ୍ଗି, କୋରାପୁଟ ଜିଲାପାଳ ଅବଦଲ ଏମ୍ ଅଖତର, ପିଡ଼ି ଡିଆରଡିଏଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶାସନ ପକ୍ଷରୁ ସନାଙ୍କ ମୃତଦେହ ଗାଁକୁ ଆଣିବାର ବ୍ୟବସ୍ଥା କରାଯାଇଥିଲା। ବୁଧବାର ମୃତଦେହ ଗାଁରେ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଲୋକେ ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ମୃତଦେହ ସତ୍କାର କରାଯାଇଛି।

ପ୍ରକାଶ ଯେ, ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ଯୋଜନା ଯୋଗେ ରାୟଗଡା ସେଣ୍ଟର୍ ଗ୍ରାମତରଙ୍ଗରେ ସୁଇଙ୍ଗ୍ ମେସିନ ଅପରେଟର ଭାବେ ଜାନୁଯାୟୀ ୨୫ ୨୦୧୯ ରୁ ଫେବୃଆରୀ ୪ ପର୍ଯ୍ୟନ୍ତ କାମ କରିଥିଲେ। ପରେ ଫେବୃୟାରୀ ୨୭ରେ ଏସ୍‌ପି ଏପେରିୟଲସ ଲିମିଟେଡ଼ କମ୍ପାନୀକୁ ବଦଳି ହୋଇଥିଲା। କିନ୍ତୁ ଶ୍ରମ ବିଭାଗ ତାଲିକାରେ ସନାଙ୍କ ନାଁ ପଞ୍ଜିକୃତ ହୋଇ ନ ଥିବା ଜଣାପଡିଛି। କୋଟିଆକୁ ନେଇ ଉଭୟ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ବିବାଦ ଲାଗିଥିବାବେଳେ କୋଟିଆ ଅଞ୍ଚଳର ଯୁବକ ସରକାରୀ ଯୋଜନାରେ ପ୍ରଶିକ୍ଷଣ ପାଇ ସରକାରଙ୍କ ଜରିଆରେ ଅନ୍ୟ ରାଜ୍ୟରେ କାମ କରୁଥିବା ଖବର ବିଭାଗ ପାଖରେ କିଭଳି ନାହିଁ ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ନେଇ କୋଟିଆ ଥାନାଧିକାରୀ କପିଳେଶ୍ୱର ବେହେରାଙ୍କୁ ପଚାରିବାରୁ ମୃତକଙ୍କ ପରିବର ଲୋକେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। କେବଳ ଫୋନ୍‌ରେ ଜଣାଇଥିଲେ ବୋଲି କହିଛନ୍ତି।

# ୫ କୋଟି ଟଙ୍କାର କାର୍ଯ୍ୟଖସଡ଼ା ପାରିତ

**କୋରାପୁଟ ମ୍ୟୁନିସିପାଲିଟି କାଉନସିଲର ବୈଠକ**



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀମାନେ।

**କୋରାପୁଟ,୧୮।୧(ସ୍ୱ.ପ୍ର.)**

କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସଭାଗୃହରେ କାଉନସିଲର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁନିସପାଲଟିର ବିକାଶ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଛି। କୋରାପୁଟ ମ୍ୟୁନିସପାଲଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ବିଧାୟକ ରଘୁରାମ ପଡାଲ ସହରର ସୌନ୍ଦର୍ଯ୍ୟକରଣ ନେଇ ଗୁରୁତ୍ୱରୋପ କରିଥିଲେ। କୋରାପୁଟ ସହରର ପ୍ରତ୍ୟେକ ୱାର୍ଡରେ ପକ୍କା ରାସ୍ତା ନିର୍ମାଣ, ବିଦ୍ୟୁତକରଣ ଓ ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ସେହିପରି ୨୦୨୩-୨୪ ଆର୍ଥିବର୍ଷ ନିମନ୍ତେ ମୁକ୍ତା ଯୋଜନାରେ ପ୍ରାୟ ୫ କୋଟିଟଙ୍କାର କାର୍ଯ୍ୟ ଖସଡା ବୈଠକରେ ଅନୁମୋଦନ କରାଯାଇଥିବା ମ୍ୟୁନିସପାଲଟି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କହିଛନ୍ତି। ନିର୍ବାହୀ ଅଧିକାରୀ ଜମାଦାର ବୈଠକ ପରିଚାଳନା କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କଟିମ ଓ ମ୍ୟୁନିସପାଲଟିର ସମସ୍ତ କାଉନସିଲ ଉପସ୍ଥିତ ଥିଲେ।

# ବିଜୁଳି ବିଭାଗ ଜୁଲମରେ ଅତିଷ୍ଠ ଉପଭୋକ୍ତା

**ନୂତନ ସଂଯୋଗ ପାଇଁ ସରକାରୀ ଧାର୍ଯ୍ୟମୂଲ୍ୟଠାରୁ ଅଧିକ ନେଉଥିବା ଅଭିଯୋଗ**

**ସୁନାବେଡ଼ା/ସେମିଳିଗୁଡା, ୧୮।୧(ସ୍ୱ.ପ୍ର.)**

ଓଡ଼ିଶା ସରକାର ବିଜୁଳି ବିଭାଗକୁ ଘରୋଇ କମ୍ପାନୀ ଟାଟା ପାୱାରକୁ ହସ୍ତାନ୍ତର କରିବା ପରେ ଉପଭୋକ୍ତାଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। କେତେବେଳେ ବିଜୁଳି କାଟକୁ ନେଇ ଅସନ୍ତୋଷ ତ କେତେବେଳେ ବିଦ୍ୟୁତ୍ ବିଲ୍ ତ ଆଉ କେତେବେଳେ ମିଟରକୁ ନେଇ ବିବାଦ ଉପୁଜୁଛି। ବିଭାଗ ପକ୍ଷରୁ ନୂଆ ଗ୍ରାହକଙ୍କୁ ସଂଯୋଗ ଦେବା ନାମରେ ଠକାଯାଉଥିବା ନେଇ ଏକ ଅଭିଯୋଗ ହୋଇଛି।

ଜଣେ ନୂଆ ଉପଭୋକ୍ତାଙ୍କୁ ବିଜୁଳି ସଂଯୋଗ ପାଇଁ କିଲୋୱାଟ୍ ପିଛା ଧାର୍ଯ୍ୟ ପରିମାଣଠାରୁ ଢେର ଅଧିକ ଜମା କରିବାକୁ ପଡୁଛି। ଜମା କରୁଥିବା ଅର୍ଥର ପ୍ରକୃତ ରସିଦ ଦିଆଯାଉ ନ ଥିବା ଏକାଧିକ ଗ୍ରାହକ ଅଭିଯୋଗ ଆଣିଛନ୍ତି। ଅଭିଯୋଗକ୍ରମେ ବିଜୁଳି ସଂଯୋଗ ନେବା ପାଇଁ ଗ୍ରାହକଙ୍କୁ ବିଭାଗ ପକ୍ଷରୁ ସରକାରୀ ଧାର୍ଯ୍ୟ ଅର୍ଥରାଶିର ୨ଗୁଣ ଟଙ୍କା ଜମା କରିବାକୁ କୁହାଯାଉଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ ପରେ ସରକାରୀ ମୂଲ୍ୟର ରସିଦ ଦିଆଯାଇଥାଏ। ଏହାର କାରଣ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରେ ସଂଯୋଗ ବିଚ୍ଛିନ୍ନର ଧମକ ଶୁଣିବାକୁ ପଡ଼ିଥିଲା ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଉପଭୋକ୍ତା ବିଜୁଳି ବିଲ୍ ଭରଣାରେ ବିଳମ୍ବ ହେଲେ ଫାଇନ ଆଦାୟ କରାଯାଉଥିବାବେଳେ କାରଣ ନ ଥାଇ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟର ଫାଇନ ବିଭାଗ ପକ୍ଷରୁ ଉପଭୋକ୍ତାଙ୍କୁ ଦିଆଯିବ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୪ଘଣ୍ଟିଆ ନିରବଚ୍ଛିନ୍ନ ବିଜୁଳି ବିତରଣ ଲକ୍ଷ୍ୟରେ ବିଭାଗକୁ ଘରୋଇ ସଂସ୍ଥାକୁ ସରକାର ଟେକିଦେଲେ। କିନ୍ତୁ ଫଳ ଠିକ୍ ତା'ର ଓଲଟା। ଭିଜିଲାନ୍ସ ନାଁରେ ବିଭାଗ ଜୁଲମ କରୁଛି ବୋଲି ଗ୍ରାହକ ଅଭିଯୋଗ କରିଛନ୍ତି। ବକେୟା ବିଦ୍ୟୁତ୍ ବିଲ ତଥା ମିଟର କାମ କରୁ ନ ଥିବା ମିଛ ତଥ୍ୟ ଆଧାରକରି ମୋଟା ଅଙ୍କର ଜରିମାନା ଓ ସଂଯୋଗ ବିଚ୍ଛିନ୍ନ କରୁଥିବା ମଧ୍ୟ କହିଛନ୍ତି। ଏ ନେଇ ଟିପିଏସ୍‌ଓଡିଏଲ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ଭଗବାନ ପ୍ରଧାନଙ୍କୁ ଫୋନରେ ଯୋଗାଯୋଗ କରିବାରୁ ସମ୍ପର୍କ ହୋଇପାରି ନ ଥିଲା। ପରେ ଉକ୍ତ ବିଭାଗର ସୁନାବେଡ଼ା ଏସ୍‌ଡିଓ ବିଶ୍ୱକେଶନ ପ୍ରଧାନଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏସମ୍ପର୍କରେ ଟିପିଏସ୍‌ଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନଙ୍କୁ ପଚାରିବାରୁ ବିଦ୍ୟୁତ ନୂଆଁ ସଂଯୋଗ ସବୁ ପୋର୍ଟାଲରେ ମାଧ୍ୟମରେ ହେଉଛି। ଏଥିରେ ଯଦି କେହି ଅଧିକାରୀ ଟଙ୍କା ନେବାର ତଥ୍ୟ ପ୍ରମାଣ ଦେବେ ତାହାହେଲେ ତଦନ୍ତ କରାଯିବ ବୋଲି କହିଛନ୍ତି। ପ୍ରତିଦିନ ବିଦ୍ୟୁତ କାଟ ଅଭିଯୋଗର ତଦନ୍ତ କରିବେ ବୋଲି ସେ କହିଥିଲେ। ବିଦ୍ୟୁତ ବିଭାଗର ସୁନାବେଡା ଏସ୍‌ଡିଓ ବିଶ୍ୱକେଶନ ପ୍ରଧାନଙ୍କୁ ଛୁଟି ଦିନରେ ବିଦ୍ୟୁତ୍‌କାଟ କରାଯାଉଥିବା ବିଷୟରେ ପଚାରିବାରୁ ରବିବାର ଶିଳ୍ପାନୁଷ୍ଠାନ ଛୁଟି ରହିଥିବା ଯୋଗୁ ତାଙ୍କରି ମେଣ୍ଟେନାନ୍ସ ଆବେଦନ କ୍ଷେତ୍ରରେ ଛୁଟି ଦିନଧାର୍ଯ୍ୟରଖାଯାଇଥିବା ସେକହିଥିଲେ।

## ସଂକ୍ଷେପରେ

### ବିଏସ୍‌ଏଫ୍ ପକ୍ଷରୁ ଚତୁର୍ଥ ପର୍ଯ୍ୟାୟ ଯୁବ ବର୍ଗଙ୍କ ପୁଡୁଚେରୀ ଗସ୍ତ

**ମାଲକାନଗିରି, ୧୮।୧(ଡି.ଏନ୍.ଏ.):** ମାଲକାନଗିରି ଜିଲାରେ ମାଓବାଦୀଙ୍କ ଦମନ ପାଇଁ ବିଭିନ୍ନ ସ୍ଥାନରେ ବିଏସ୍‌ଏଫ୍ କ୍ୟାମ୍ପ ମାନ ରହିଛି। ଏହି ବିଏସ୍‌ଏଫ୍ ଯବାନମାନେ ଜିଲାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ଦିନରେ ଜିଲାର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଯୁବତୀଯୁବକଙ୍କୁ ଗୁଜୁରାଟର ଅହମଦାବାଦ, କର୍ନାଟକର ବେଙ୍ଗୁଲୁର ଓ ମଧ ପ୍ରଦେଶର ଭୋପାଲ ପଠାଇ ସେଠାକାର ସଂସ୍କୃତି, ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ। ଏବେ ଚତୁର୍ଥ ପର୍ଯ୍ୟାୟରେ ମଙ୍ଗଳବାର ବିଏସ୍‌ଏଫ୍ ପକ୍ଷରୁ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ୨୨ ଜଣ ଯୁବତୀଯୁବକଙ୍କୁ ପୁଡୁଚେରି ଗସ୍ତରେ ପଠାଯାଇଛି। ଏହି ଯୁବତୀଯୁବକମାନେ ପୁଡୁଚେରୀରେ ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ରହି ସେହି ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହାସିକ ସ୍ଥଳ ପରିଦର୍ଶନ କରିବେ। ଏଥିସହ ସେମାନେ ସିନେ ତାରକା, ମନ୍ତ୍ରୀ, ବିଭିନ୍ନ ବର୍ଗର ଖେଳାଳିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ଶୈଲେନ୍ଦ୍ର ସିହ୍ନାଙ୍କ ନେତୃତ୍ୱରେ ବିଏସ୍‌ଏଫ କମାଣ୍ଡାଣ୍ଟ ମନୋଜ କାର୍କି, ଶୁଭରଞ୍ଜନ ମହାପାତ୍ର, ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ହରିଶ ରୁପାଲ ପ୍ରମୁଖ ଉପସ୍ଥିତ ରହି ଏହି ଯୁବତୀ ଯୁବକମାନଙ୍କୁ ପୁଡୁଚେରି ଅଭିମୁଖେ ସ୍ୱତନ୍ତ୍ର ବସ୍ ଯୋଗେ ପଠାଇଛନ୍ତି।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଜୟପୁର,୧୮।୧(ନି.ପ୍ର.):** ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ୍ ଶାଖା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରଭାତ ରଥ, ବିଶ୍ୱରଞ୍ଜନ ଗୌଡ଼, ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା, ରେଡ୍‌କ୍ରସ୍ ପରାମର୍ଶଦାତା ଶୁଭସ୍ମିତା ସାହୁ ଯୋଗଦେଇ ରାସ୍ତା ଅତିକ୍ରମ କରିବାର ନିୟମ, ଟ୍ରାଫିକ ନିୟମ, ଜୀବନ ରକ୍ଷା କୌଶଳ ଏବଂ ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ଶୋଭଯାତ୍ରା ପ୍ରସାଦ ରାଓପେଟା, ସମ୍ଭାରତୋଟା ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲା। କାର୍ଯ୍ୟକ୍ରମରେ ନରେଶ ଷଡ଼ଙ୍ଗୀ, ସୁବର୍ଣ୍ଣ କୁମାରୀ ଖିଲ, ତନବୀର ମହମ୍ମଦ, ଦୁର୍ଗାପ୍ରସାଦ ପାତ୍ର, ଦେବେନ୍ଦ୍ର ପାଢ଼ୀ ସହଯୋଗ କରିଥିଲେ।

### ବ୍ୟବହାର ନ ହୋଇ ଫୋପଡ଼ା ହେଉଛି ବ୍ଲିଚିଂ ପାଉଡର



**ବୈପାରିଗୁଡ଼ା,୧୮।୧(ଡି.ଏନ.ଏ.):** ପାନୀୟ ଜଳ ବିଶୋଧନ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ବ୍ଲିଚିଂ ପାଉଡର ଯୋଗାଣ ହେଉଛି। ମାତ୍ର ସେସବୁ ବ୍ୟବହାର ନ ହୋଇ ଫୋପଡ଼ାଯାଉଛି । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ସ୍ଥାନୀୟ ବ୍ଲକ ଅଫିସ୍ ପରିସରରେ। ସେଠାରେ ଥିବା ଏକ ଗୋଦମଘର ସାମ୍‌ନାରେ ବହୁ ପରିମାଣରେ ବ୍ଲିଚିଂ ପାଉଡର ବାହାରେ ପଡ଼ିଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାହୁଙ୍କୁ ପଚାରିବାରୁ ସେ କହିଲେ, ସେସବୁ ବେଶି ଦିନର ହୋଇଯାଇବାରୁ ଫୋପଡ଼ାଯାଇଛି। ସୂଚନାଯୋଗ୍ୟ, ଅନେକ ସମୟରେ ଦୂଷିତ ପାନୀୟଜଳ ଯୋଗୁ ଲୋକେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହାର ପ୍ରତିଷେଧକ ଭାବେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କ ମାଧମରେ କୂଅଗୁଡ଼ିକରେ ବ୍ଲିଚିଂ ପକାଯିବାର ନିୟମ ରହିଛି । ମାତ୍ର ଗତ କିଛି ବର୍ଷ ହେବ ଏହା ଆଦୌ ପଡୁନାହିଁ । ସେହିପରି ବୈପାରିଗୁଡ଼ାରେ ପାଇପ ଜଳ ଯୋଗାଣ ବ୍ୟବସ୍ଥାରେ ଥିବା ସିମେଣ୍ଟ ପାଣି ଟାଙ୍କିକୁ ବର୍ଷ ବର୍ଷ ଧରି ଆଦୌ ସଫା କରାଯାଉନାହିଁ।

# କଳା, ସଂସ୍କୃତିର ପ୍ରସାର ପାଇଁ 'ଚଇତି' ମଞ୍ଚ



ଅତିଥିମାନେ 'ଚଇତାଳି' ସ୍ମରଣିକା ଉନ୍ମୋଚନ କରୁଛନ୍ତି।



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଉଦ୍‌ଘାଟିତ**

ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୧୮।୧

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି–୨୦୨୨ ବୁଧବାର ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଜିଲାର କଳା ଓ ସଂସ୍କୃତିର ପ୍ରସାର ହିଁ ଚଇତି ମଞ୍ଚ ପ୍ରସ୍ତୁତିର ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଏଠାରେ କହିଥିଲେ। କଳାକାରଙ୍କ ବିକାଶ ଦିଗରେ ପାଇଁ ଏହି ମଞ୍ଚ ବେଶ ସହାୟକ ହୋଇଛି ବୋଲି ସେ କହିଛନ୍ତି।

ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷା ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପୌରାଧ୍ୟକ୍ଷ ମହେଶ ପଟ୍ଟନାୟକ, ଏସ୍‌ପି ବିବେକାନନ୍ଦ ଶର୍ମା ମଞ୍ଚାସୀନ ଥିଲେ। ଲୋକ ମହୋତ୍ସବ ସହ ଏଠାରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ମଧ ଆରମ୍ଭ ହୋଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନିଜର ସାମଗ୍ରୀ ବିକ୍ରି ଓ ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଉଦଘାଟନି ସନ୍ଧ୍ୟାରେ ବିଭିନ୍ନ ଲୋକନୃତ୍ୟ ଦଳ ପକ୍ଷରୁ ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅତିଥିମାନେ 'ଚଇତାଳି' ସ୍ମରଣିକା ଉନ୍ମୋଚନ କରିଥିଲେ। ମହୋତ୍ସବ ଆରମ୍ଭ ପୂର୍ବରୁ ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ମନ୍ଦିରରୁ କଳସ ଶୋଭାଯାତ୍ରା ବାହାରି ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲା। ଶ୍ରୀଜୀଉଙ୍କ ଠାରେ ପୂଜାର୍ଚ୍ଚନା ପରେ କଳସ ନଗର ପରିକ୍ରମା କରିଥିଲା। ଡଙ୍ଗରିଆ କନ୍ଧଙ୍କ ଦ୍ୱାରା ପାରମ୍ପାରିକ ଲୋକନୃତ୍ୟ ସମେତ ଘୁମରା, ସମ୍ବଲପୁରୀ, ଲାଞ୍ଜିଆ ସୌରାଙ୍କ ନୃତ୍ୟ, ସଙ୍କୀର୍ତ୍ତନ ମଧ୍ୟରେ କଳସ ନଗର ପରିକ୍ରମା କରିଥିଲା। ଏହାପରେ ଉକ୍ତ କଳସକୁ ଚଇତି ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ୮ ଜଣଙ୍କୁ ଚଇତି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ଆଇଆଇଟି ମଣ୍ଡିର ବାୟୋ ସାଇନ୍ସ ଓ ବାୟୋ ଇଞ୍ଜିନିୟରିଂ ବିଭାଗ ଆସୋସିଏଟ ପ୍ରଫେସର ଡ.ଶ୍ୟାମ କୁମାର ମାସ୍କାପାଲୀ, ଇଂଲିଶ ପଦ୍ୟ ଲେଖାରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ରିଷ୍ଣା ପ୍ରିୟା ସାହାଣୀ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜଲକ୍ଷ୍ମୀ ଦେବୀ, କ୍ଷୁଦ୍ର କାହାଣୀ ଲେଖା ପାଇଁ ଲେଖକ ଦ୍ୱିତୀ ଚନ୍ଦ୍ର ସାହୁ, ପଏଟ୍ ଓ ଟ୍ରାନ୍ସଲେଟର ଆଶୁତୋଷ ପାତ୍ର, ରାୟଗଡ଼ାର ସାମାଜିକକର୍ମୀ ହାଲୁଆ ଜାକାକା, ଗୁଣପୁରର ରମେଶ ଚନ୍ଦ୍ର ଲିମା, ବ୍ଲାଇଣ୍ଡଫୋଲଡେଡ୍ କି ବୋର୍ଡ ପ୍ଲେରେ ଇଣ୍ଟରନ୍ୟାଶନାଲ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଥିବା ଅର୍ପିତ ମହପାତ୍ର।

## ଶିଶୁ କଳାକାରଙ୍କ ନୃତ୍ୟ, ସଙ୍ଗୀତ ମନ ମୋହିଲା ସ୍କୁଲ ବାର୍ଷିକ ଉତ୍ସବ

ଦୁର୍ଗୀ,୧୮।୧(ଡି.ଏନ୍.ଏ.)

ବିଷମକଟକ ବ୍ଲକ ଦୁର୍ଗୀ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ ଉପସ୍ଥିତ ଥିଲେ। ଶିଶୁମନ୍ଦିରର ସଭାପତି ଭବାନୀ ପ୍ରସାଦ ପାତ୍ରଙ୍କ ସମେତ ସମ୍ପାଦକ ଉମାଶଙ୍କର ରତ୍ନାଲୁ, କୋଷାଧ୍ୟକ୍ଷ ନୃସିହ ପାତ୍ର, ଉପ ସଭାପତି ମନୋଜ ବେରଦଲାଇଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶିଶୁ କଳାକାର ମାନେ ସ୍ୱାଗତ ସଙ୍ଗୀତ ଗାନ ପୂର୍ବକ ନୃତ୍ୟ ପରିବେଷଣ କରିଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମୀନାକ୍ଷୀ ପ୍ରଧାନୀ ଓ ଗୁରୁମା କମଳିନୀ ପଣ୍ଡା, ସ୍ୱାଗତିକା ପାତ୍ର, ସୁମିତ୍ରା ସାହୁ, ସମିତା ମହାନ୍ତି, ସୁନିତା ଗୌଡ଼, ସରୋଜ କୁସୁଲିଆ, କୌଶଲ୍ୟା ଗୌଡ଼ ଉପସ୍ଥିତ ଥିଲେ।



ମାଲକାନଗିରି ମାଲ୍ୟବନ୍ତ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଗାୟକ ମଣ୍ଟୁ ଛୁରିଆ ସଙ୍ଗୀତ ପରିବେଷଣ କରୁଛନ୍ତି।

## ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ

ମୁନିଗୁଡ଼ା,୧୮।୧(ଡି.ଏନ୍.ଏ.)

ମୁନିଗୁଡ଼ା ବ୍ଲକ ସଭାଗୃହ ପରିସରରେ ପଞ୍ଚାୟତ ସମିତି ବୈଠକ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକାଙ୍କ ଅଧ୍ୟକ୍ଷତା ଓ ନୂତନ ଭାବେ ଯୋଗଦେଇଥିବା ପଞ୍ଚାୟତ ଅଫିସର ଭିକାରୀ ଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ମୁନିଗୁଡ଼ା ବିଡିଓ ଦିଲୀପ କୁମାର ବେହେରା, ତହସିଲଦାର ଦେବାଶିଷ ଗୌଡ଼, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଆଦର୍ଶ କୁଶୁଲିଆ, ମୁଖ୍ୟ ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା, ବିଧାୟକଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଉନ୍ନୟନ ଯୋଜନାର ରୂପରେଖ ଓ ଏହାଦ୍ୱାରା ହିତାଧିକାରୀଙ୍କ ଦୈନନ୍ଦିନ ଜୀବନରେ ହେଉଥିବା ଉନ୍ନତି ବିଷୟରେ କହିଥିଲେ।

ଆଗାମୀ ଉନ୍ନୟନ ଯୋଜନାଗୁଡ଼ିକ ଉପରେ ଉପସ୍ଥିତ ୧୭ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଓ ରଞ୍ଜନରଶ୍ମି ବିଭାଗରେ ଟେକ୍ନିସିଆନ ନ ଥିବା କାରଣକୁ ନେଇ ତେଲେଙ୍ଗାପଦର ସମିତି ସଭ୍ୟ ଅନଙ୍ଗ ନାଗ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ମେଡିକାଲ ଅଫିସର କହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ନୁଣ୍ଡରୁକା, ଉପାଧ୍ୟକ୍ଷା କୁଶୁଲିଆ, ବିଡିଓ ବେହେରା, ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟା ସଭ୍ୟାଙ୍କ ଉନ୍ନୟନକୁ ନେଇ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

## ସରକାରୀ ବସ୍‌ରୁ ଗଞ୍ଜେଇ ଜବତ

ନବରଙ୍ଗପୁର,୧୮।୧(ବି.ପ୍ର.)

ଓଏସ୍‌ଆରଟିସି ସରକାରୀ ବସରେ ଗଞ୍ଜେଇ ଚାଲାଣ ଖବର ଜିଲା ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ପାଇ ନବରଙ୍ଗପୁର ଘରୋଇ ବସଷ୍ଟାଣ୍ଡରେ ଜଗିଥିଲା। ବସ୍‌ଟି ଆସିବା ପରେ ଅଧିକାରୀମାନେ ଚଢ଼ାଉ କରି ୨ ଜଣ ଯାତ୍ରୀଙ୍କୁ ସନ୍ଦେହ କରି ଅଟକ ରଖିବା ସହିତ ପଚରାଉଚରା କରୁଛନ୍ତି। ବସ୍‌ରୁ ଦୁଇଟି ବ୍ୟାଗରେ ଗଞ୍ଜେଇ ଭର୍ତ୍ତିକରି ନେଉଥିବା ଅଭିଯୋଗ ହୋଇଛି। ଜବତ ଗଞ୍ଜେଇ ଏଯାଏ ଓଜନ କରାଯାଇନାହିଁ। ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ କରାଯାଉଥିବା ସୂଚନା ମିଳିଛି। ସରକାରୀ ବସ୍‌ଟି ସୁନାବେଡ଼ାରୁ ସମ୍ବଲପୁର ଆଭିମୁଖେ ଯାଉଥିବା ଜଣାପଡିଛି।

## ମା' ମାର୍କମା ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ପାଳିତ

ବିଷମକଟକ,୧୮।୧(ଡି.ଏନ୍.ଏ.)

ବିଷମକଟକ ସ୍ଥିତ ମାଁ ମାର୍କମା ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଲେଜର ପୂର୍ବତନ ଛାତ୍ର ତଥା ଏବେକାର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ଦମନ ଚଳଚ୍ଚିତ୍ର ପଛର ମୁଖ୍ୟ ହିରୋ ଡାକ୍ତର ଓଁକାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଯୁକ୍ତ ୩ ମହାବିଦ୍ୟାଳୟର ସୁଦର୍ଶନ ରଥ, ଯୁକ୍ତ୨ର ଅଧ୍ୟକ୍ଷ ଅଶ୍ୱିନୀ ପଟ୍ଟନାୟକ ଓ ଯୁକ୍ତ ୩ର ଅଧ୍ୟକ୍ଷ କ୍ୟାପ୍‌ଟେନ ରବିଶଙ୍କର ମଞ୍ଚାସୀନ ଥିଲେ। କଲେଜର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉଭୟ ଅଧ୍ୟକ୍ଷ ନିଜ ନିଜ ବର୍ଗର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଜଣାଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଦୁଇଟି ହଷ୍ଟେଲ ଏବଂ ଅତିରିକ୍ତ ଶ୍ରେଣୀଗୃହ ଅବ୍ୟଶ୍ୟକ ଥିବା କହିଥିଲେ। ମୁଖ୍ୟ ଅତିଥି କଲେଜର ଜଣେ ପୁରାତନ ଛାତ୍ର ଭାବେ ଛାତ୍ର ଜୀବନକୁ ମନେ ପକାଇବା ସହ ଛାତ୍ରୀଛାତ୍ରଙ୍କୁ କଠୋର ପରିଶ୍ରମ କରିବା ପାଇଁ ଉପଦେଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ୧୦ ସ୍ଥାନରେ ରହିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡାକ୍ତର ଓଁକାର ହୋତା ମାଲକାନଗିରିର ଉପାନ୍ତ ମାଓବାଦୀଙ୍କ ନାଲିଆଖିକୁ ଭ୍ରୂକ୍ଷେପ ନ କରି ନିଜ ଜୀବନକୁ ବାଜି ଲଗାଇ କିପରି ଏହି ଦୁର୍ଗମ ଅଞ୍ଚଳରେ ଲୋକଙ୍କ ସେବା କରୁଥିଲେ ସେ ବିଷୟରେ କହିଥିଲେ। ଛାତ୍ରୀଛାତ୍ରମାନେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉଦ୍ୟମ କରିବାକୁ ସେ ଉପଦେଶ ଦେଇଥିଲେ। ଶେଷରେ କଲେଜର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## କଲେଜର ବାର୍ଷିକ କ୍ରୀଡ଼ା

ଗୁଣପୁର,୧୮।୧(ଡି.ଏନ୍.ଏ.)

ଗୁଣପୁର ରେଗେଡ଼ା ସ୍ଥିତ ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକ କ୍ରୀଡ଼ା ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଆରମ୍ଭ ପୂର୍ବରୁ ଗୁଣପୁର ସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ମଶାଲ ପ୍ରଜ୍ୱଳନ କରି ଶୋଭାଯାତ୍ରାରେ ଛାତ୍ରୀଛାତ୍ର ମାନେ ବାହାରି କଲେଜ ପରିସରରେ ପହଞ୍ଚିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅକ୍ଷୟ ଦାସ, ନିର୍ଦ୍ଦେଶକ ସଞ୍ଜୟ ସାହୁ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସେନାପତି, ଭାଇସ୍ ପ୍ରିନ୍ସିପାଲ କାହ୍ନୁଚରଣ ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ପି.ଭି. କୋଟେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଅକ୍ଷୟ ଦାସ ନିଜ ବକ୍ତବ୍ୟରେ କହିଛନ୍ତି, ବ୍ୟକ୍ତିଗତ ଆମୋଦ ଏବଂ ସାମାଜିକ ଉପଯୋଗିତା ସହିତ ଜାତୀୟ ଜୀବନ ଗଠନରେ କ୍ରୀଡ଼ାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ରାଜୀବ ପଣ୍ଡା, ପ୍ରିୟଙ୍କା ପାଢ଼ୀ, ଅର୍ଚ୍ଚନା ଚାନ୍ଦ, ମହାଲକ୍ଷ୍ମୀ ଦାସ, ଶାଶ୍ୱତୀ ବେହେରା, ସୁଜାତା ନାଏକ, ଅନୁପ ଦାସ, ସୌର୍ଯ୍ୟ ବିଶ୍ୱାଳ, ଅଭିଳାଷ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀ।

ପଦ୍ମପୁର,୧୮।୧(ଡି.ଏନ୍.ଏ.)

ଆର୍.ଜି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ କଲେଜରେ ପ୍ରବେଶ କରିଥିବା ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ସ୍ଥାନୀୟ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଏହାର ଉଦ୍‌ଘାଟନ କରିଥିବା ବେଳେ କଲେଜର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରୋଗ୍ରାମ ଅଫିସର ରଶ୍ମିତା ସ୍ୱାଇଁ କାର୍ଯ୍ୟକ୍ରମପରିଚାଳନା କରିବା ସହ ତାଲିମ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ୨ମାଷ୍ଟର ଟ୍ରେନର କେତକୀ ଗମାଙ୍ଗ ଏବଂ ଅର୍ଚ୍ଚନା ଶବର ପିଲାଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ କୁମାର ଦାସ, ମନୋଜ କୁମାର ଶତପଥୀ, ରମେଶ ଚନ୍ଦ୍ର ପଣ୍ଡା, ବାଞ୍ଛାନିଧି ଦାସ, ପଞ୍ଚାନନ ଶତପଥୀ, ରାମଚନ୍ଦ୍ର ପାଣିଗ୍ରାହୀ, ମାଲିକେଶ୍ୱର ନାଇଡୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପିକା ତଥା ପ୍ରୋଗ୍ରାମ ଅଫିସର ରଶ୍ମିତା ସ୍ୱାଇଁ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୮ ଦିନ ଚାଲିବ ବୋଲି ଜଣପଡ଼ିଛି।

## ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ମାଥିଲି,୧୮।୧(ଡି.ଏନ୍.ଏ.)

ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ପ୍ରୟାସ କରାଯାଉଛି। ବୁଧବାର ମାଲକାନଗିରି ଜିଲା ମେଟ୍ଟା ପଞ୍ଚାୟତ କାଳିଆଗୁଡ଼ା ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ ଦିନିଆ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମେଟ୍ଟା ସରପଞ୍ଚ ରଞ୍ଜିତା ପୂଜାରୀ, ସମ୍ମାନିତ ଅତିଥି ତଥା ସଚେତକ ସଦାଶିବ ପୂଜାରୀ, ମୁଖ୍ୟବକ୍ତା ରୂପେ ମେଟ୍ଟା ପଞ୍ଚାୟତର ସିଆର୍‌ସିସି ଭୁବନ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟରେ ୨ ଦିନ ଧରି ବିଭିନ୍ନ ବର୍ଗରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଜିଲାସ୍ତରକୁ ମନୋନୀତ କରାଯିବ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।



## ଫେବୃୟାରୀ ୧୦ରେ ମାଘ ମଣ୍ଡେଇ

କୋଷାଗୁମୁଡ଼ା/କୋଡ଼ିଙ୍ଗା, ୧୮।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାରେ ରବିବାର ଚାଉଁରିଆ ମନ୍ଦିର ପରିସରରେ ମାଘ ମଣ୍ଡେଇ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପଞ୍ଚାୟତର ସମସ୍ତ ଗ୍ରାମବାସୀ, ବିଭାଗୀୟ ଅଧିକାରୀ, ଗ୍ରାମର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ, ସମସ୍ତ ମନ୍ଦିର ପୂଜାରୀ, ଶିରା, ଗ୍ରାମ୍ୟ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଫେବୃୟାରୀ ୧୦ରେ ମାଘ ମଣ୍ଡେଇ ଯାତ୍ରା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସରପଞ୍ଚ ଡାଲିମ୍ବ ମାଝିଙ୍କୁ ସଭାପତି, ମଧୁସୂଦନ ଭତ୍ରା ଉପସଭାପତି, ଭୁବନେଶ୍ୱର ନାୟକ ସମ୍ପାଦକ, ମୋହିତ ଜୈନଙ୍କୁ କୋଷାଧ୍ୟକ୍ଷଭାବେ ଚୟନ କରାଯାଇଥିଲା। ମାଁ ଭଣ୍ଡାରଘରଣୀ, ବାବା ଭୈରବ, ବୀର୍ ଚାଉଁରିଆଙ୍କ ପୂଜା ସହ ଆଖପାଖ ଅଞ୍ଚଳର ଲାଠିକୁ ପୂଜା କରାଯିବା ନେଇ ଆଲୋଚନା ହୋଇଥିଲା । ଯାତ୍ରା ନିମନ୍ତେ ମୀନା ବଜାର, ନଗର ସାଜସଜ୍ଜା, ପାରମ୍ପରିକ ନାଟକ ଏବଂ ଯାତ୍ରାର ଶେଷ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି କରାଯିବ ବ୍ୟବସ୍ଥା ରହିଛି।

## ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ରାମନାଗୁଡ଼ା/ଗୁଣପୁର, ୧୮।୧(ଡି.ଏନ୍.ଏ)

ଅଡୁଆରେ ପଡିଛନ୍ତି ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ। ସ୍ତ୍ରୀ ରିନା ଗମାଙ୍ଗ ରବିଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ କରିଛନ୍ତି। ସ୍ୱାମୀଙ୍କ ଅନ୍ୟ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରହିଥିବା ନେଇ ରିନା ଗୁଣପୁର ଉପଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ରିନା ଦର୍ଶାଇଛନ୍ତି, ଅନ୍ୟ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିବା ସହ ରବି ବିଭିନ୍ନ ସମୟରେ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଛନ୍ତି। ପୋଲିସ ଚାକିରି ଛାଡ଼ି ରାଜନିତୀରେ ପାଦ ଥାପିଥିବା ରବି ବିବାହ ପୂର୍ବରୁ ଏବଂ ପରେ ଅନେକ ମହିଳାଙ୍କ ସହ ସମ୍ପର୍କରେ ରହିବା ସହ ସ୍ତ୍ରୀଙ୍କ କୌଣସି ଦାୟିତ୍ୱ ନେଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଉପଜିଲାପାଳ ମାମଲାକୁ ପରିବାର ପରାମର୍ଶ କେନ୍ଦ୍ରକୁ ହସ୍ତାନ୍ତର କରିଛନ୍ତି।




ପରିବାର ପରାମର୍ଶ କେନ୍ଦ୍ରରେ ରିନା।

**ପରିବାର ପରାମର୍ଶ କେନ୍ଦ୍ରର ଦ୍ୱାରସ୍ଥ ହେଲେ ସ୍ତ୍ରୀ**

ଏହାପରେ ରବିଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ସୂଚନା ଦେଇଛନ୍ତି। ଏହାପରେ ରବିଙ୍କୁ ଏକ ସମନ ଜାରି କରାଯାଇ ଜାନୁୟାରୀ ୨୩ରେ ପରିବାର ପରାମର୍ଶ କେନ୍ଦ୍ରରେ ହାଜର ହେବା ପାଇଁ କୁହାଯାଇଛି। ଏଥିରେ ଉଭୟ ପକ୍ଷଙ୍କ ମଧ୍ୟରେ କୌଣସି ସମାଧାନର ରାସ୍ତା ନ ବାହାରିଲେ ଆଇନଗତ ପଦକ୍ଷେପ ସ୍ୱରୂପ ମାମଲାକୁ ଗୁଣପୁର ଏସଡିପିଓଙ୍କୁ ହସ୍ତାନ୍ତର କରାଯିବ ବୋଲି ସଚିବ ସାହୁ କହିଛନ୍ତି।

